ମୂଲ୍ୟ:₹ ୧/-

ଧରିତ୍ରୀ
DHARITRI

# ସାହିତ୍ୟାଙ୍ଗନ

୧୮ ସେପ୍ଟେମ୍ବର-୧ ଅକ୍ଟୋବର, ୨୦୧୯

**ସୃଜନ-ସ୍ମୃତି :** କୃଷ୍ଣ କୁମାର ମହାନ୍ତି

**ସ୍ମରଣୀୟ :** ହେମନ୍ତ କୁମାର ମହାପାତ୍ର

**ପ୍ରଥମ ବହି :** ସ୍ୱର୍ଣ୍ଣଲତା ମହାପାତ୍ର

**ପହିଲି ପୁଲକ :** ସୁଶୀଳ କୁମାର ବାଗ୍



# ସକାଳର ଅପେକ୍ଷାରେ


ସ୍ୱର୍ଣ୍ଣଲତା ମହାପାତ୍ର


ପିଲାଦିନେ ଗପ ଶୁଣିବାକୁ ମତେ ଭଲଲାଗେ ସବୁପିଲାଙ୍କ ପରି। ସେତେବେଳେ 'ଜହ୍ନମାମୁଁ' ପତ୍ରିକା ଆମ ଘରକୁ ଆସେନା, ଯେଉଁ ପଡ଼ିଶା ଘର ମଗାନ୍ତି, ମୁଁ ଚଟ୍‌କରି ମାଉସୀ ବା ତାଙ୍କ ଛୁଆଙ୍କ ସହ ଦୋସ୍ତି କରିନିଏ। ଏକମାତ୍ର ଉଦ୍ଦେଶ୍ୟ ବହି ମାଗି ପଢ଼ିବା। ପରେପରେ କବିତା ବି ମତେ ଭଲ ଲାଗିଲା। ବିଭିନ୍ନ ପତ୍ରିକା ଓ ଖବରକାଗଜର ସାହିତ୍ୟ ପୃଷ୍ଠାକୁ ସାଇତି ରଖି ବାରବାର ପଢ଼େ। ସେଇ ସବୁରୁ ଅନୁପ୍ରାଣିତ ହେଇ ମୁଁ ସ୍କୁଲ ଜୀବନରୁ କବିତା ଲେଖା ଆରମ୍ଭ କରିଥିଲି। ପରେପରେ ଉପନ୍ୟାସ ମତେ ବିଭୋର କଲା। ସେ ନିଶା ଏମିତି ଘାରିଲାଯେ, କଲେଜ ଲାଇବ୍ରେରିରୁ ପାଠ ବହି ବଦଳରେ ଉପନ୍ୟାସ ନେଇଆସେ। ଲାଇବ୍ରେରିଆନ୍ ସାର୍‌ଙ୍କ ତାଗିଦ୍, 'ସବୁବେଳେ ଏ ସବୁ ବହି ଉଠଉଛ, ନିଜ ପଢ଼ାବହି ପଢୁଛ କେତେବେଳେ ?' 'ମୁଁ ଏ ସବୁ ପଢ଼େନା, ବଡ଼ ଭଉଣୀ ପଢ଼େ ତ ତା' ଲାଗି।' ମିଛ କହି ଧରା ନ ପଡ଼ିବା ଖୁସିରେ ନିଜକୁ ନିଜେ ସାବାସି ଦିଏ।

ବାହାଘର ପରେ ଅନେକ ବର୍ଷ ପର୍ଯ୍ୟନ୍ତ ଆଗ୍ରହ ଥାଇ ବି ବିଶେଷ କିଛି ଲେଖି ପାରି ନ ଥିଲି। ମନ ଉଦ୍‌ବେଳିତ ହୁଏ। ଦିନ ଆସିଲା ଯେବେ ଆନ୍ଦୋଳିତ ମନର ଅବ୍ୟକ୍ତ ଭାବନା ବାଟ ଖୋଲି ବାହାରି ଆସିବାକୁ ଉଚ୍ଛନ୍ନ ହେଲା। ଭାବନାତ୍ମକ ଆବେଗକୁ ପ୍ରକାଶ କରିବାର ଏକମାତ୍ର ମାଧ୍ୟମ ଲେଖାଲେଖି। ସେଇ ଗୋଟିଏ ବର୍ଷରେ ହିଁ ଶହେ ବାଇଶଟି କବିତା ଲେଖି ହେଇଗଲା।

ମୋ' ଜୀବନର ଆଦ୍ୟଗୁରୁ, ପାଦେପାଦେ ଉତ୍ସାହିତ କରିଥିବା, ପ୍ରେରଣାଦାୟିନି, ପରମ ମିତ୍ର ଓ ମୋ'ର ସବୁକିଛି ମୋ' ମା' ପାଇଁ ଲେଖିଥିବା 'ମା' କାବିତାଟିକୁ କୌଣସି ଏକ ଖବରକାଗଜ ବା ପତ୍ରିକାରେ ପ୍ରଥମେ ଛପାହେଲେ, ତାଙ୍କ ଆନିଭର୍ସାରି ମେ ମାସରେ ଭେଟି ଦେବି ବୋଲି ଭାବିଥିଲି। ଯାହା ମୋ' ଦ୍ୱାରା ସମ୍ଭବ ହେଇପାରିଲା ନାହିଁ। ମେ ମାସ ଚାଲିଗଲା। ମନ ଦୁଃଖ ହେଲା। କିଛି ଦିନ ପରେ ଅନ୍ୟ ଏକ ପ୍ରିୟ କବିତା ଇପିଏ ଖବରକାଗଜରେ ପ୍ରକାଶ ପାଇଥିବା ଶୁଣି ଆଶ୍ଚର୍ଯ୍ୟ ହେଲି। ମୁଁ ତ କେଉଁଠିକୁ ପଠାଇ ନାହିଁ! ସୋସିଆଲ ମିଡିଆରେ ପୋଷ୍ଟ କରିଥିବା କବିତାଟିକୁ ନେଇ କେହି ଜଣେ ବନ୍ଧୁ ପ୍ରକାଶ କରାଇ ଥିଲେ। ସେ କିଏ, ଆଜିଯାଏ ମୁଁ ଜାଣେନା। ମା'କୁ ଫୋନ୍ କଲି, ସେ ବହୁତ ଖୁସି ହେଲା।

ତା' ପରେ ଅନ୍ୟ କିଛି ପତ୍ରିକା ଓ ସାହିତ୍ୟ ପୃଷ୍ଠାରେ କବିତା ପ୍ରକାଶ ପାଇଲା। ସେସବୁକୁ ଏକାଠି କରି ବହିଟିଏ କରିବାକୁ ମୋ' ମା' ଓ କିଛିବନ୍ଧୁ ଉତ୍ସାହିତ କରିଥିଲେ। ଅଣଷଠିଟି କବିତାକୁ ନେଇ ୨୦୧୭ରେ ଟାଇମ୍‌ପାସ୍ ପବ୍ଲିକେଶନ୍‌ସ ଦ୍ୱାରା ପ୍ରକାଶିତ ମୋ'ର ପ୍ରଥମ କବିତା ସଂକଳନ 'ସକାଳର ଅପେକ୍ଷାରେ'। ବହିର ନାମକରଣକୁ ନେଇ ମୁଁ ଏଥିପାଇଁ ଆନନ୍ଦିତ, କାରଣ ସେଇଟି ଥିଲା ୧୯୯୪ ମେ ମାସ ସତର ତାରିଖରେ ମୁଁ ଲେଖିଥିବା ମୋ' କିଶୋରୀ ବୟସର ପ୍ରଥମ କବିତା। ଯାହା ତାରିଖ ସହିତ ଆଜି ପର୍ଯ୍ୟନ୍ତ ମୋ' ଡାଏରୀରେ ସାଇତା। ସେଇ ପୁରୁଣା କବିତାଟିକୁ ବହିରେ ସ୍ଥାନ ଦେବାପାଇଁ ପ୍ରକାଶକ ମୋତେ ପରାମର୍ଶ ଦେଇଥିଲେ। ୨୦୧୮ରେ ପଶ୍ଚିମା ପବ୍ଲିକେଶନ୍‌ସ ଦ୍ୱାରା ପ୍ରକାଶିତ ଗଳ୍ପ ସଂକଳନ 'ରେଡ୍‌ରୋଜ୍' ପ୍ରଥମ ଗଳ୍ପ ପୁସ୍ତକ ହେଲେବି ମୋର ପ୍ରଥମ ପ୍ରକାଶିତ ବହି କବିତାର ବହି। ସୁତରାଂ ତା'ର ଅନୁଭୂତି ନିଆରା। ଦୁଇଟିଯାକ ପୁସ୍ତକକୁ ମୋ' ମା' ଆଗ୍ରହର ସହ ପଢ଼ି ଖୁସି ହେଇଥିଲା। ୨୦୧୯ ମେ ମାସ ଅଠେଇଶ ତାରିଖରେ ଗଭୀର ଦୁଃଖ ସାଗରରେ ଭସେଇ ଦେଇ ହଠାତ୍ ମା' ଚାଲିଗଲା। ମଣିଷ ଜୀବନରେ ଏମିତି କିଛି ନିର୍ଦ୍ଦିଷ୍ଟ ବେଳା ଥାଏ, ଯାହା ତାକୁ ଯେତେ ପୁଲକିତ କରିଥାଏ, ସେତେ ମର୍ମାହତ ବି କରିଥାଏ, ଯାହାକୁ ସେ ସାରା ଜୀବନ ଭୁଲିପାରେନା।




# 'ସାହିତ୍ୟାୟନ'ର ଗଳ୍ପଗୁଡ଼ିକ ଗୋଟିଏ ଗୋଟିଏ ଜୀବନ୍ତ ଦସ୍ତାବିଜ୍...




ମହାଶୟ,

✼ ୨୧ ଅଗଷ୍ଟ–୩ ସେପ୍ଟେମ୍ବର 'ସାହିତ୍ୟାୟନ' ପାଠକଲି। 'ପ୍ରଥମ ବହି', 'ଦେଶେଦେଶେ', 'ପହିଲି ପୁଲକ' ସ୍ତମ୍ଭଗୁଡ଼ିକ ମନୋମୁଗ୍ଧକର। ତା' ସହିତ ସୁନୀତି ଦେବୀଙ୍କ ଗଳ୍ପ 'ଦେବୀ', ଡ. ସୁଲୋଚନା ଦାସଙ୍କ 'ମାଆ', ଅନୂଦିତ ଗଳ୍ପ 'ଟାଙ୍ଗାବାଲା' ଓ ଝରଣା ପଟ୍ଟନାୟକଙ୍କ ଗଳ୍ପ 'ପ୍ରେମିକବର୍ଷା' ପଢ଼ିଲା ପରେ ଲାଗିଲା ଏଗୁଡ଼ିକ ଗୋଟିଏ ଗୋଟିଏ ଜୀବନ୍ତ ଦସ୍ତାବିଜ୍। ମଣିଷର ମନସ୍ତତ୍ତ୍ୱ ଓ ଜୀବନଯନ୍ତ୍ରଣା ନିଖୁଣ ଭାବରେ ଏ ସବୁରେ ଚିତ୍ରିତ। ସାହିତ୍ୟ ଜୀବନକୁ ଚିହ୍ନାଏ ଏବଂ ଗଳ୍ପ ଅନ୍ତଃସତ୍ତାକୁ ଖିନ୍‌ଭିନ୍ କରି ଆବିଷ୍କାର କରେ– ଏହା ଅନୁଭବକୁ ଆସିଲା। ଗଳ୍ପ ପଢ଼ିବା ସିନା ସରିଗଲା, ହେଲେ ତା'ର ପ୍ରଭାବର ଇତି ନାହିଁ। ପଠନ ପ୍ରକ୍ରିୟା ପରେ ବିସ୍ମୟ ଓ ଲୋତକର କ୍ଷରଣ ହୃଦୟକୁ ଅପରୂପ ସ୍ଥିତିରେ ପହଞ୍ଚାଇ ଦେଉଛି। ଲେଖିକା ଲେଖକମାନଙ୍କୁ ଅନ୍ତରର ଅନେକ ବଧେଇ। 'ସାହିତ୍ୟାୟନ'ର ପୃଷ୍ଠା ଏହିଭଳି ଘିଅ–ମହୁରେ ଓଦା ହେଇ ରହୁ ଓ ପାଠକଙ୍କ ମନରେ ଆର୍ଦ୍ରତା ଭରିଦେଉ।

– କାର୍ତ୍ତିକ ଚନ୍ଦ୍ର ଷଡ଼ଙ୍ଗୀ, ବଲରା, ବିଲାଶୁଣୀ, ନିଆଳି, କଟକ

✼ ଆଷାଢ଼ରେ ମେଘ ରଡ଼ି ଛାଡ଼ଇ/ ଗଛରୁ ପତର ଝଡ଼ି ପଡ଼ଇ । ହେଲେ ଆଷାଢ଼ ଯାଇ ଶ୍ରାବଣ ମାସ ଗଲା, ମେଘର ଦେଖାନାହିଁ। ଶ୍ରାବଣ ଶେଷ ଓ ଭାଦ୍ରବର ଆରମ୍ଭରେ ଜଳ ବହୁଲେ ସାରା ଭାରତ ଜଳମୟ। ଏଇ କଥା ବୋଧେ କଥା ହେଉଛନ୍ତି 'ସାହିତ୍ୟାୟନ' ପ୍ରଚ୍ଛଦ (୨୧ ଅଗଷ୍ଟ–୩ ସେପ୍ଟେମ୍ବର)ରେ ବଗ ଓ ବଣି । ବିବିଧ ବିଶ୍ୱଙ୍କ ପ୍ରଥମ ବହି 'ସଞ୍ଜ ନଇଁଗଲେ' ମନଛୁଆଁ ନ ହେଲେ ଦ୍ୱିତୀୟ ସଂସ୍କରଣ ହେଲା କେମିତି ? ଟୋନି ମୋରିସନ୍‌ଙ୍କ ବିବେକର ଟୋନ୍ 'ବିଲଭ୍‌ଡ' ଉପନ୍ୟାସର ସେଥେକୁ ଅନୁପ୍ରାଣିତ କରିଛି– ଦାସତ୍ୱର ବିଲୟ ପାଇଁ। ସମାଜ ଓ ଜୀବନରେ ପରିବର୍ତ୍ତନର ଧାରା ଏଇ ମଣିଷ ହିଁ ଆଣିପାରିବ। ଗାଳ୍ପିକା ସୁନୀତି ଦେବୀଙ୍କ 'ଦେବୀ' ସେତେ ଭଲ ଲାଗିଲାନି। ରମ୍ୟ ରଚନା 'ମାଆ' କିନ୍ତୁ ପେଟ ପୂରାଇ ଦେଲା। 'ଟାଙ୍ଗାବାଲା' ମର୍ମସ୍ପର୍ଶୀ ଗଳ୍ପଟିଏ ସତରେ। 'ପ୍ରେମିକବର୍ଷା' ମୌସୁମୀଜନିତ ନ ହୋଇ ଲଘୁଚାପ ବରଷା। କବିତା ସବୁ ବରଷାରେ ଓଦା କରିଦେଲା ପରି। ହରେକୃଷ୍ଣ ବାବୁଙ୍କ ପହିଲି ପୁଲକ 'ରାଧା' ଏବେ 'ଧାରା'ରେ ପଢ଼ିଯିବାରୁ କବିଙ୍କ କବିତ୍ୱ ପରିସ୍ଫୁଟ ହୋଇ ଚଉଦିଗ ମହକାଉଛି। ବହି ବିପଣୀରେ ଏ ମାସର ଭଲ ଭଲ ପୁସ୍ତକ ସମୀକ୍ଷା କରିଛନ୍ତି।

– ରଶ୍ମିତା ଦାଶ, ମାର୍ଫତ: ସଞ୍ଜୟ କୁମାର ଦାଶ ଗ୍ରା/ପୋ–କୋଲାବିରା, ଝାରସୁଗୁଡ଼ା

✼ ଅଗଷ୍ଟ ୭–୨୦ 'ସାହିତ୍ୟାୟନ'ରେ ସ୍ଥାନିତ ବ୍ୟଙ୍ଗ ଲେଖକ ବଦ୍ରି ମିଶ୍ରଙ୍କ ପ୍ରଥମ ବହି 'କ୍ୟାପିଟାଲିଆ ହଡ଼ା'ର ପ୍ରଥମ ପ୍ରକାଶଜନିତ ପୁଲକ ରସୋତ୍ତୀର୍ଣ୍ଣ। କ୍ୟାପିଟାଲିଆ ହଡ଼ା ପୁନଃ ସଂସ୍କରିତ ହେଲା କି ନାହିଁ ଜାଣି ହେଲା ନାହିଁ। ସେ ମୋର ଅତ୍ୟନ୍ତ ପରିଚିତ। ତାଙ୍କୁ ମୋର ଅନେକ ଧନ୍ୟବାଦ। ପ୍ରଖ୍ୟାତ ନାଟ୍ୟକାର କାର୍ତ୍ତିକ ଚନ୍ଦ୍ର ରଥଙ୍କ ଜୀବନୀ ଓ ସଫଳ ନାଟକ ରଚନାର କାହାଣୀ ମୋତେ ଉଦ୍‌ବୁଦ୍ଧ କଲା। ଶ୍ରେଣୀଗତ ପାଠ, ପ୍ରମାଣପତ୍ର, ନିର୍ଦ୍ଧନଭାବ ପ୍ରତିବନ୍ଧ ସ୍ରଷ୍ଟାଙ୍କ ପାଇଁ ବିଶେଷ କିଛି ନୁହେଁ, ଏହା ରଥ ମହାଶୟ ପ୍ରମାଣ କରି ନାଟ୍ୟ ଜଗତରେ ସ୍ମରଣୀୟ ରହିଛନ୍ତି ଓ ରହିବେ। ଓଡ଼ିଶାର ଏହି ଦୁଃଖଯେ ସ୍ଥାୟୀ ନାଟ୍ୟ ରଙ୍ଗମଞ୍ଚ ଅଭାବ, ପୁରାତନ ସାମାଜିକ ଶିକ୍ଷା, ମନୋରଞ୍ଜନଧର୍ମୀ ନାଟକ ନ ହୋଇ ବୌଦ୍ଧିକ ତଥା ଉଦ୍ଭଟ ହେବା ଏବଂ ଲୋକମାନେ ସମୟ ଅଭାବରୁ ଟିଭିରେ ଯାତ୍ରା/ନାଟକ ଦେଖି ମଞ୍ଚକୁ ନ ଯିବା। ଅଧ୍ୟାପକ ରାଜକିଶୋର ରାୟଙ୍କ 'ଦଶହରା ଭେଟି' ପିଲାଦିନେ ପଢ଼ିଥିବା ସତ୍ତ୍ୱେ ଏବେ 'ସାହିତ୍ୟାୟନ'ରେ ପଢ଼ି ଖୁସି ଲାଗିଲା। ଲେଖାଟି ଶିକ୍ଷଣୀୟ ତଥା ଆଖିରେ ଲୁହ ନେଇ ଆସିଥାଏ। ଡା. ସଚ୍ଚିଦାନନ୍ଦ ଶତପଥୀଙ୍କ ମିନିଗଳ୍ପ 'ପର ପିଲା' ସତ ପରି ଲାଗୁଛି। ବର୍ଷା ଅବସରରେ ବ୍ୟଙ୍ଗକାର ମୃଣାଳଙ୍କ ୪ ଅଣୁଗଳ୍ପ ଚମତ୍କାର। 'ଲାଫିଙ୍ଗ୍ ବୁଦ୍ଧ' ଗଳ୍ପଟି ଏତେ ଜୀବନ୍ତ, ନିଚ୍ଛକ ଲାଗୁଛିଯେ କହିବାର ନୁହେଁ।

– ଶ୍ରୀରାମଚନ୍ଦ୍ର ଦାଶ, ବିଦ୍ୟାଧରପୁର, ଗୁଆଲିଗୋରଡ଼ା, ଗବକୁଣ୍ଡ, ପୁରୀ

✼ ୨୧ ଅଗଷ୍ଟ– ୩ ସେପ୍ଟେମ୍ବର ସଂଖ୍ୟା 'ସାହିତ୍ୟାୟନ' ପଢ଼ିଲି। କବିତା 'ବୋଉ' ସମ୍ବେଦନଶୀଳ ଅକାଟ୍ୟ ସତ୍ୟ ସମ୍ବୋଧନଟିଏ। ଯାହାକୁ ଯେତେ ଚେଷ୍ଟା କଲେ ବି ଅନ୍ତରରୁ ଦୂରେଇ ହେବନି। ଅନୁବାଦ ଗଳ୍ପ 'ଟାଙ୍ଗାବାଲା' ବି ମାନବିକତାର ମୂର୍ତ୍ତିମନ୍ତ ପ୍ରତୀକ। ସେମିତି କେତେଜଣ ହାତଗଣତି ମଣିଷ ପାଇଁ ଦୁନିଆ ତିଷ୍ଠିଛି। ଗଳ୍ପ (ସ୍ମରଣୀୟ) 'ଦେବୀ'ରେ ଅନୁତପ୍ତ ବୋହୂଟିଏକୁ ଦେଖେଇ ପାରିଛନ୍ତି ସୁନୀତି ଦେବୀ, ଯିଏକି ସହରୀ ଶିକ୍ଷିତା ବୋହୂଟିଏ ହେଲେ ବି ନିଜ ଭୁଲ ବୁଝିପାରି ଗାଁ ମାଟିକୁ ଆପଣେଇ ପାରିଛି। ସୁନୀତି ଦେବୀଙ୍କ ଜନ୍ମ ଗଞ୍ଜାମ ଜିଲା 'ବୋଇରାଣି' ଗାଁରେ ପଢ଼ି ଖୁବ୍ ଆନନ୍ଦିତ ହେଲି। ସମସ୍ତେ କବିସୂର୍ଯ୍ୟନଗର କହୁଥିଲାବେଳେ ପୁରୁଣା ନାମ ବୋଇରାଣୀ ପଢ଼ିବାକୁ ମିଳିଲା। ମୋ' ଘର ବି ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଗ୍ରାମରେ ଏବଂ ମୁଁ କର୍ମମୟ ଜୀବନ ଆରମ୍ଭ କରିଥିଲି ବୋଇରାଣିରେ। ଲେଖିକାଙ୍କୁ ଧନ୍ୟବାଦ।

– ଜ୍ୟୋତ୍ସ୍ନାରାଣୀ ପଣ୍ଡା, ରାମହରିନଗର–୨, ବ୍ରହ୍ମପୁର–୧

✼ ୨୧ ଅଗଷ୍ଟ–୩ ସେପ୍ଟେମ୍ବର 'ସାହିତ୍ୟାୟନ'ରେ ଟୋନି ମୋରିସନ୍‌ଙ୍କ ସମ୍ପର୍କୀୟ ଲେଖା ପାଇଁ ହୃଷୀକେଶ ବାବୁଙ୍କୁ ଧନ୍ୟବାଦ। ଲେଖନୀ ଓ ତରବାରି ଉଭୟ ଶକ୍ତିଶାଳୀ। କିନ୍ତୁ ଶେଷରେ ଲେଖନୀର ଜୟହୁଏ। ଟୋନି ମୋରିସନ୍‌ଙ୍କ କାଳଜୟୀ ଲେଖା ଏହାର ବଳିଷ୍ଠ ପ୍ରମାଣ ନୁହେଁ କି? ସୁନୀତି ଦେବୀଙ୍କ 'ଦେବୀ' ଗଳ୍ପ ରୋମାଣ୍ଟିକ୍ ଭାଷାରେ ପରିପୂର୍ଣ୍ଣ। ଏଥିଯୋଗୁଁ ତାଙ୍କୁ ଧନ୍ୟବାଦ। ସେ ଅନେକ ପୁସ୍ତକ ରଚନା କରି ଭାଷା ସାହିତ୍ୟର ଗୌରବ ବୃଦ୍ଧି କରିଛନ୍ତି। 'ମାଆ' ହେଉଛି ଶିଶୁର ପ୍ରଥମ ଶିକ୍ଷକ। ମାଆର ପ୍ରେରଣା, ଉପଦେଶ ଏବଂ ଶିକ୍ଷାରେ ସନ୍ତାନ ବଡ଼ ହୋଇଥାଏ– ଏହା ସୁଲୋଚନା ଦାସଙ୍କ 'ମାଆ' ରଚନାରୁ ଜଣାପଡ଼େ। ଏହା ତ ଗପ ନୁହେଁ, ଏକ ସତ୍ୟ ଘଟଣା ଉପରେ ଆଧାରିତ। 'ପୁସ୍ତକ ପରିଚୟ' ସ୍ତମ୍ଭରେ ପ୍ରକାଶିତ ପୁସ୍ତକ ଭିତରୁ 'ଡେଲାଙ୍ଗ ବ୍ଲକର ସାରସ୍ୱତ ସାଧକ' ମୋ' ହୃଦୟରେ ଗଭୀର ଆଲୋଡ଼ନ ସୃଷ୍ଟି କଲା।

– ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ସାହିତ୍ୟାୟନ

**ଲେଖା ପଠାଇବାର ଠିକଣା**

ସମ୍ପାଦକ ଧରିତ୍ରୀ, ବି–୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
email: dharitrisahityayana@gmail.com

ସାହିତ୍ୟାୟନ ପ୍ରତି ୧୫ ଦିନରେ ଥରେ ପ୍ରକାଶ ପାଏ । ମୌଳିକ ଗଳ୍ପ, କବିତା, ଅନୁବାଦ ଗଳ୍ପ, ବ୍ୟଙ୍ଗ ଓ ଲଳିତ ନିବନ୍ଧକୁ ପ୍ରାଧାନ୍ୟ ଦିଆଯାଏ। ପ୍ରଥମ ପ୍ରକାଶିତ ପୁସ୍ତକ/ଲେଖାକୁ ନେଇ ବିଶେଷ ଅନୁଭୂତି, ଭାରତୀୟ ଓ ବିଶ୍ୱ ସାହିତ୍ୟ ଉପରେ ଆଧାରିତ ଲେଖା ସ୍ଥାନିତ ହୁଏ। ଆଗ୍ରହୀ ଲେଖିକା/ଲେଖକ ନିମ୍ନ ଠିକଣାରେ ଲେଖା ପଠାଇପାରିବେ। ଜେରକ୍ସ କପି ଗ୍ରହଣୀୟ ନୁହେଁ। ପୂରା ଠିକଣା ଓ ମୋବାଇଲ ନମ୍ବର ଦେବାକୁ ଅନୁରୋଧ।

Printed and published by Tathagata Satpathy on behalf of Samajbadi Society and printed at Navajat Printers, B-15, Industrial Estate, Rasulgarh, Bhubaneswar-10 ସମ୍ପାଦକ: ତଥାଗତ ସତପଥୀ

## ଗଳ୍ପ

# ଦୁବଘାସ-୨

ନର୍ମଦା ନୀଳୋତ୍ପଳା

ରାତିର ସହର ଖୁବ୍ ଚୁପ୍‌ଚାପ୍, କିନ୍ତୁ ଭୟାଳୁ। ମିଞ୍ଜିମିଞ୍ଜି ତାରାଙ୍କୁ ଅନେଇ ଯେତେବେଳେ ସହରକୁ ନିଦ ଆସିଯାଏ, କିଛି ଛଦ୍ମ ଆଲୁଅର ମୁହଁ ଖୋଲେ। ଏ ପୃଥିବୀ ଏମିତି ଶୋଇ ନ ଯାଉ, ଏ ଆକାଶ ଯେମିତି ତାରା ଫୁଟେଇବା ଭୁଲି ନ ଯାଉ।

ସେଦିନ ଶାନ୍ତିନିକେତନରୁ ଫେରିଆସିଥାଏ ଘୁଙ୍ଗୁର। ଘରକୁ ଫେରିବା ପରେ ସେ ଦେଖିଲା କୁଣ୍ଡର ଦୂବଘାସ ଓ ଅନ୍ୟାନ୍ୟ ଗଛଗୁଡ଼ିକର ଜୀବନ ନାହିଁ। ସବୁଜ ଛନଛନ ଦିଶୁଥିବା ଗଛଗୁଡ଼ିକ ବିନା ବର୍ଷା, ବିନା ପାଣିରେ ମରିଯାଇଛନ୍ତି। କୁଣ୍ଡର ମାଟି ଫାଟି ଆଁ କରିଛି।

ଭଡ଼ାଘରେ ରହୁଥିବା ମଣିଷମାନେ କୁଣ୍ଡରେ ଲଗାନ୍ତି ଗଛ। କାଳେ ଘରମାଲିକର ହୋଇଯିବ ଗଛରେ ଲୋଭ, ସେଥିପାଇଁ କେହି ମାଲିକର ବାଡ଼ିରେ ଗଛ ଲଗାନ୍ତିନି। ଗଛ କେତେ ବିବଶ ଓ କେତେ ଅସହାୟ ହୋଇପଡ଼େ। ଘୁଙ୍ଗୁରକୁ ବୁଝେଇ ହେବନି। ସେ ନିଜକୁ ବିଶ୍ୱାସ କରିପାରୁନି। ଆଠଦିନ ବି ହୋଇନି। ଗଛ ସବୁ ହରେଇ ଦେଲେ ଜୀବନ। ମାଟି ବି ତା'ର ଲୁତ୍‌ପୁତ୍‌ପଣ।

ଦୂବଘାସ, ଚଉଁରାର ତୁଳସୀଗଛ, ୧୫/୧୭ଟି କୁଣ୍ଡରେ ଥିବା ମନ୍ଦାର, ଟଗର, ଘିକୁଆଁରୀ, ମଲ୍ଲୀ, ଗୋଲାପ ଓ ଅନ୍ୟାନ୍ୟ ଗଛ ସବୁ ବଞ୍ଚି ନ ଥିଲେ।



ମନସ୍ତାପରେ ଥିଲା ସେ। ସାଙ୍ଗସାଥୀ ବୁଝେଇ ଦେଲେ ତାକୁ। ମନ କଷ୍ଟ କାହିଁକି କରୁଛ ? ବର୍ଷା ନାହିଁ। ଏପ୍ରିଲ ମାସର ଗରମରେ ଆମ ସହର ପାଲଟିଯାଇଛି ନିଆଁହୁଳା। ଜମି ଫାଟି ଆଁ କରିଛି। ଟ୍ରେନ୍‌ରେ କଲିକତାରୁ ଆସିଲାବେଳେ କଟକ, ସେ ସବୁ ଦେଖିଲନି କି ତୁମେ ? ବନ୍ଧୁ ଜଣଙ୍କ କହିଲେ: ଏକର ଏକର ଜମି ତ ପଡ଼ିଆ ପଡ଼ିଛି। ଏଠି ତୁମ କୁଣ୍ଡରେ ୨ କିଲୋ କି ୪ କିଲୋ ମାଟି। ସେ ନ ଶୁଖି କ'ଣ ରହିଥା'ନ୍ତା ଓଦା।

ଥରକୁ ଥର ତ ତାକୁ ଯିବାକୁ ପଡ଼ିବ ଘରଠୁ ବାହାରକୁ କୌଣସି ନା କୌଣସି କାମରେ। ଭଡ଼ାଘର ଓ ନିଜଘର ଭିତରେ ସେତିକି ଫରକ।

ଏଥର ଯୁଆଡ଼େ ଯାଉଥିଲା ବୁଲିବାକୁ ଘୁଙ୍ଗୁର, ଫେରିଲାବେଳକୁ ସାଙ୍ଗରେ ଗଛ ଆଣୁଥିଲା। ଯେହେତୁ ଗଛ କିଣିବା ଓ ତାକୁ ମାଟିରେ ଲଗେଇବା ତା'ର ଥିଲା ସଉକ। ତେଣୁ ସେ ଆଉ କୁଣ୍ଡ କିଣି ନ ଥିଲା। ଯେଉଁ ଭଡ଼ାଘରେ ରହୁଥିଲା ସେ ତାଙ୍କରି ବାଡ଼ିପଟ ବଗିଚାରେ ନେଇ ପୋତି ଦେଇ ଆସୁଥିଲା।

ବଗିଚା କାମ ପାଇଁ ଜଣେ ମାଳୀ ରହୁଥିଲା। ବର୍ଷା ନ ହେଲେ କଳ ପାଣିରେ ସକାଳେ ଓ ସଞ୍ଜରେ ଗଛମାନେ ଗାଧୋଉଥିଲେ। ତେଣୁ ଭାରି ସବୁଜ ଛନଛନ ଦିଶୁଥିଲେ। ଗଛଗୁଡ଼ିକ ଯେଉଁଠି ରହିଲେ... ରାସ୍ତା କଡ଼ରେ ହେଉ କି ବାଡ଼ିରେ, ସେମାନେ ଫୁଲ, ଫଳ, ପବନ ଓ ଛାଇ ଦେବେ। ତାଙ୍କ ଭିତରେ ଈର୍ଷା ନାହିଁ। ଶତ୍ରୁ ମନୋଭାବ ନାହିଁ। ପଡ଼ିଶା ଘର ସାଙ୍ଗରେ ଅପଢ଼ ଥିଲେ ବି ଯେମିତି ତରକାରି ବାସ୍ନାକୁ ଅଟକାଇ ହେବ ନାହିଁ। ସେମିତି ଗଛର ଛାଇ ଓ ପବନକୁ କେହି ଆବଦ୍ଧ କରିପାରିବେନି।

ଗଛଗୁଡ଼ିକ ପ୍ରତି ଗେହ୍ଲାପଣ ଓ ଭଲପାଇବା ଥିଲେ ତ ସେମାନେ ଆମକୁ ବର୍ଷା, ପବନ ଓ ଛାଇ ଦେବେ। ନାରୀଟିଏ ମଧ୍ୟ ଗଛ ପରି ଭାରି କୋମଳ। ଯେମିତି ଘୁଙ୍ଗୁରର ଉତ୍ତର ଥିଲା ସେଦିନ। ଶାନ୍ତିନିକେତନରୁ ଟ୍ରେନ୍‌ରେ ଫେରୁଥିଲେ ସେମାନେ ସେଦିନ।

ଟ୍ରେନ୍ ଭିତରେ ପ୍ରବଳ ଭିଡ଼ ଥିଲା। ତେଣୁ ସେମାନେ ସିଟ୍‌ରୁ ଉଠି ଯାଇଥିଲେ କବାଟ ପାଖକୁ। ଖୋଲା ପବନ ବି ଆସୁଥିଲା ଓ ଆନନ୍ଦରେ ସେମାନେ ଗପସପରେ ମଗ୍ନ ହୋଇ ଯାଇଥିଲେ।

କିଛି ସମୟ ପରେ ଖୁବ୍ ଜୋର୍‌ରେ ପବନ ବହିବା ଆରମ୍ଭ କଲା। କାଳବୈଶାଖୀ ବୋଧହୁଏ ହେବ! ଆକାଶରେ ମେଘ ଓ ଘଡ଼ଘଡ଼ି। କେଉଁଠି ଥିଲା ବାଉଳା ପବନଟା। ସେ ପବନ ପକେଟ ଭିତରେ ହାତ ପୂରେଇ ଟଙ୍କା ଉଡ଼େଇ ନେଲା। ସମସ୍ତେ ବ୍ୟସ୍ତ ହୋଇପଡ଼ିଲେ। ସେମାନଙ୍କ ଆଖି ସାମ୍ନାରେ ଟଙ୍କା ଉଡ଼ିଯାଉଥିଲା ଦୂରକୁ, ଆହୁରି ଦୂରକୁ। ଯେଉଁମାନେ ୱାଲେଟ୍‌ରେ ରଖିଥିଲେ କି ବ୍ୟାଗ୍‌ରେ ଟଙ୍କା ରଖିଥିଲେ ସେମାନଙ୍କର ଟଙ୍କା ସୁରକ୍ଷିତ ଥିଲା।

ଯେଉଁ ବନ୍ଧୁଜଣଙ୍କର ଟଙ୍କା ଉଡ଼ିଗଲା ଅନ୍ୟ ବନ୍ଧୁମାନେ ଭିତରେ ବସିଥିବା ତାଙ୍କ ପତ୍ନୀଙ୍କୁ ଏ ବିଷୟରେ ଆସି କହିଥିଲେ। ହେଲେ ତାଙ୍କ ପତ୍ନୀଙ୍କର ଉତ୍ତର ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ସେ ସହଜ ଢଙ୍ଗରେ କହିଥିଲେ- ପବନ ଉଡ଼େଇ ନେଇଛି ମାନେ ନିଶ୍ଚୟ ଜମିରେ ପକେଇବ। ଆଗକୁ ଅକ୍ଷୟତୃତୀୟା। ଚାଷୀଟିକୁ ମିଳିଲେ ଏ ଟଙ୍କା ସେ ବିହନ କିଣିବ। ତା' ଘରକୁ ଖୁସି ଆଣିବ। ଚାଷୀଟିଏ ଆତ୍ମହତ୍ୟା କଲେ ସେ ମର୍ମାହତ ହେଉଥିଲା। ତେଣୁ ସେ ଟଙ୍କା ଉଡ଼ିବା କଥା ଶୁଣି ଖୁସି ଥିଲା। ବନ୍ଧୁଙ୍କ ପତ୍ନୀ ଜଣେ କଳାକାର ଥିଲେ। ସେଥିପାଇଁ ତାଙ୍କର ବିଚାରଶକ୍ତି ଉନ୍ନତ ଥିଲା। ଅନ୍ୟ ବନ୍ଧୁମାନେ କଥା ହେଉଥିଲେ ଆମ ପତ୍ନୀ ହୋଇଥିଲେ ଝଗଡ଼ା କରିଥା'ନ୍ତେ। ଠିକ୍ ଭାବରେ ଟଙ୍କାକୁ ରଖିପାରିଲନି ବୋଲି କହିଥା'ନ୍ତେ। କାନ୍ଧରେ ଏତେ ବଡ଼ ବ୍ୟାଗ୍ ପକେଇଚ, କିନ୍ତୁ ପକେଟରେ ଟଙ୍କା କାହିଁକି ରଖିଥିଲ ? ଏମିତି ଅନେକ ପ୍ରଶ୍ନ କରିଥା'ନ୍ତେ।
ଏତିକି ଫରକ ସେମାନଙ୍କର ବିଚାରଧାରାରେ। ସଂକ୍ଷିପ୍ତ ଓ ମହତ ଚିନ୍ତାଧାରା କେମିତି ହୋଇପାରେ ଭିନ୍ନ ଜଣଙ୍କଠାରୁ ଜଣଙ୍କର।




କିଛି ସମୟ ପରେ ଷ୍ଟେଶନରେ ଟ୍ରେନ୍ ରହିଲା। ଗରମ ବରା, ସିଙ୍ଗଡ଼ା, ଜିଲାପି ଆସି ପହଞ୍ଚିଗଲା। ଜଣେ ବନ୍ଧୁ ତାଙ୍କ ସାଙ୍ଗଙ୍କୁ ଫୋନ୍ କରି କହିଥିଲେ। ସେ ଆଣି ଟ୍ରେନ୍ ଭିତରେ ଦେଇଗଲେ ଗରମ ଗରମ ଜଳଖିଆ। ମନଖୁସିରେ ସମସ୍ତେ ଖାଇଲେ। ଭୋକ ବି ଜୋର୍‌ରେ ହେଉଥିଲା। ଛଅଜଣ ସେମାନେ ଥିଲେ। ଆନନ୍ଦରେ ଖାଇଲେ।

ସେତିକି ବେଳେ ବନ୍ଧୁପତ୍ନୀ କହିଲେ- ଯେତେ ଟଙ୍କା ପାଖରେ ଥିଲେ ବି ଯଦି ଖାଦ୍ୟ ନ ମିଳେ ଟ୍ରେନ୍ ଭିତରେ ଉପାସ ରହିବାକୁ ପଡ଼ିଥା'ନ୍ତା। ସମସ୍ତେ ଟିଫିନ୍ ଓ ପାଣି ପିଇସାରି ପ୍ରଫୁଲ୍ଲ ଦିଶୁଥିଲେ।

ଅଳ୍ପ ସମୟ ପୂର୍ବରୁ ଟଙ୍କା ଉଡ଼ିଯାଇଥିବା କଥା ସମସ୍ତେ ଭୁଲି ଯାଇଥିଲେ। ଅନ୍ୟ ଗପରେ ବ୍ୟସ୍ତ ଥିଲେ। ଗୋଟେ ଘଟଣାକୁ ନେଇ କେତେ ସମୟ ଯେ କଥା ହୋଇଥା'ନ୍ତେ। ପ୍ରତି ମୁହୂର୍ତ୍ତରେ ଘଟଣାରୁ ଘଟଣା ବଦଳି ଯାଇଥାଏ। କଥା ବି, ଗପସପ ବି। 'ଦୂବଘାସ' ଗଳ୍ପଟି ଧରିତ୍ରୀ ସାହିତ୍ୟାୟନରେ ପ୍ରକାଶିତ ହୋଇଥାଏ। ଅନେକ ପାଠିକାପାଠକଙ୍କର ସେଦିନ ଫୋନ୍, ମେସେଜ୍ ସହ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସୁଥାଏ। ଏକ ଆନନ୍ଦ ମୁହୂର୍ତ୍ତ ତା' ପାଇଁ ଥିଲା ସେଦିନ।

କିନ୍ତୁ ଗୋଟେ କଥା ନ କହିଲେ ଘୁଙ୍ଗୁର ଡେଇଁ ଯାଇ ପାରିବନି ଗପକୁ। ଗପଟି ପଢ଼ି ସେଦିନ ଶାନ୍ତିନିକେତନରୁ ଶର୍ମିଷ୍ଠା ଫୋନ୍ କରି କହିଥିଲେ, ଗଳ୍ପଟି ଖୁବ୍ ସୁନ୍ଦର ଓ ପ୍ରତୀକାତ୍ମକ ହୋଇଛି। ମୁଁ ଚାହୁଁଛି ଦୂବଘାସ ଗପର ୨ୟ ଭାଗ ଆପଣ ଲେଖନ୍ତୁ। ତାଙ୍କର ଉତ୍ସାହଭରା ନିବେଦନ ହେଉ କି ଆହ୍ୱାନ। ହେଇପାରେ, ସେଥିପାଇଁ ଦୂବଘାସର ୨ୟ ଭାଗ ଲେଖିବାକୁ ପ୍ରୟାସ କରିଛି। ଶର୍ମିଷ୍ଠା ଓ ଶାନ୍ତିନିକେତନ ମୋ' ପାଇଁ ଅପରିଚିତ ଥିଲେ। କିନ୍ତୁ ଜଣେ ପାଠିକା ଓ ଶାନ୍ତିନିକେତନକୁ ଦେଖିବାର ଲୋଭ ମୋ' ମନରେ ଅନେକ ଦିନରୁ ବସା ବାନ୍ଧିଥିଲା।

ଘୁଙ୍ଗୁରକୁ ଯିବାକୁ ପଡ଼ିଛି ଶାନ୍ତିନିକେତନ। ତିନିଦିନ କଟେଇଛି ସେ ସେଠାରେ। ଭିଜିଛି, ମଜିଛି। ହେଲେ ଏତେ କମ୍ ଦିନରେ ଯେତିକି ପାଇଛି ଆନନ୍ଦ, ଅନୁଭବ, ସେ ତା' ସାଙ୍ଗରେ ଗୋଟେଇ ଆଣିଛି।

ଶାନ୍ତିନିକେତନର ବାସ୍ନାରେ ବିମୋହିତ ହୋଇଛି ସେ। ଗୋଟେଗୋଟେ ଜାଗା ପରି ଗୋଟେଗୋଟେ ନିଆରା ହୃଦୟ ମଧ୍ୟ ଥାଏ ସେଇଠି। ସାରା ଜୀବନ ବିତେଇ ଦେବାକୁ ମନ ଚାହେଁ। ଅବହେଳା, ଅଣଦେଖା, ଅବିଚାର ସେ ଯେତେ କଲେ ବି ମନଟି ପୋଷା ଜୀବଟି ପରି ଭାରି ତହଳବିକଳ ହୁଏ ତା' ପାଖାପାଖି ରହିବାକୁ। ଖୋଜିହୁଏ, ଝୁରିହୁଏ ତାକୁ ମନ। ବାଉଲ ଗୀତ ପରିବେଷଣ ହେଉଥିବା ସମୟରେ ଭେଟ ହୁଏ ଘୁଙ୍ଗୁରର କେତନ ସହିତ। କେତନ କିଏ, ଜାଣି ନ ଥାଏ ଘୁଙ୍ଗୁର।

ସିଂହ ସଦନରେ ସେଦିନ ବାଉଲ ଗୀତ ପରିବେଷିତ ହେଉଥିଲା। ଗୀତ ଶୁଣି ଦୁଇଜଣ ତଲ୍ଲୀନ ହୋଇଥିଲେ। ସେଦିନ ଅଲଗା ଅଲଗା ଧାଡ଼ିରେ ବସିଥିଲେ ଦୁଇଜଣ। ହେଲେ ନାଚୁଥିଲା ପାଦ ଓ ଝୁମୁଥିଲା ହୃଦୟ। ଯେମିତି ଲାଗୁଥିଲା ରବୀନ୍ଦ୍ରନାଥ ଟାଗୋର ଘୁଙ୍ଗୁର ସହିତ ବସି ବାଉଲ ଗୀତ ଶୁଣୁଥିଲେ।

କେତନ ପରି କେହି ଜଣେ ସେଠାରେ ସେଇ ସମୟରେ ଭେଟ ହୋଇ ନ ଥିଲେ ହୁଏତ ଆକର୍ଷଣୀୟ ଲାଗି ନ ଥାଆନ୍ତା ତାକୁ କି ଉପଭୋଗ କରିପାରି ନ ଥାଆନ୍ତା ସେ ବାଉଲ ଗୀତ।

ସେଦିନ ଅନୁଭବ ହୋଇଥିଲା ବାଉଲ ଗୀତ ପରିବେଷଣ ସମୟରେ କେହି ଜଣେ ହୃଦୟ ବୁଝୁଥିବା ପ୍ରେମିକଟିଏ ଅତି ପାଖରେ ଥିବା ଉଚିତ।

କେତନ ସାଙ୍ଗରେ କି ପରିଚୟ ଘୁଙ୍ଗୁରର ସେ ଜାଣେନି। ଦୁହେଁ ଦୁହିଁଙ୍କ ପାଇଁ ଅଚିହ୍ନା। କିନ୍ତୁ ସ୍ୱର ମଧୁର ଝଙ୍କାର ତୋଳୁଥିବା ସମୟରେ, ଚାରିଟି ଚକ୍ଷୁର ମିଳନ ଏକ ଭାବପୂର୍ଣ୍ଣ ମୁହୂର୍ତ୍ତ।

କେତନର ଚାହାଣିରେ ଥିଲା ଆପଣାପଣ। ସେ ଆଖି କହୁଥିଲା ଅନେକ କିଛି।

କେତନ ବସିଥିଲା ଗୀତ ସରିବା ପର୍ଯ୍ୟନ୍ତ। ତା'ପରେ କିଛି ଫଟୋ ଉଠାହେଲା। ହେଲେ ଫଟୋ ଉଠାହେବା ସମୟରେ ସେ ଆଉ ପାଇ ନ ଥିଲା କେତନକୁ।

ସଭାକକ୍ଷରେ ସଜ୍ଜା ହୋଇଥିବା ପ୍ଲାଷ୍ଟିକ ଫୁଲ କିଛି ସେ ଧରିଥିଲା ହାତରେ। ତା' ପାଖକୁ ଘୁଙ୍ଗୁର ଯାଇ ପଚାରିଥିଲା- ଏ ଫୁଲସବୁ କ'ଣ କରିବ! ସେ କହିଥିଲା ରୁମ୍‌କୁ ନେବି। ପ୍ଲାଷ୍ଟିକ ଫୁଲ ? ଆଶ୍ଚର୍ଯ୍ୟ ହୋଇ ପଚାରିଥିଲା ଘୁଙ୍ଗୁର। କେତନ ଟିକେ ହସି ଦେଇଥିଲା। ତା' ପରେ କିଛି କଥା ନାଇଁ। ଘୁଙ୍ଗୁର ଚାଲିଯାଇଥିଲା ତା' ରୁମ୍‌କୁ। ତା'ପରଦିନ କେତେ ପାଖରେ ବସିଥିଲା କେତନ। ଗୋଟିଏ ଚେୟାରର ବ୍ୟବଧାନ ଥିଲା ମାତ୍ର। ପାଣି ବୋତଲ, ଟିଫିନ୍ ପୁଡ଼ିଆ ସବୁ ଆଣି ଦେଇଥିଲା ସେ। ଶେଷରେ ସାର୍ଟିଫିକେଟ୍ ଗୋଟେ ବଢ଼େଇ ଦେଲା ସେ। ଏତେ ଖିଆଲ କାହିଁକି ରଖିଥିଲା ସେ ସେଦିନ ଘୁଙ୍ଗୁରର!

☛ ପୃଷ୍ଠା-୬

## ସ୍ମରଣୀୟ



ହେମନ୍ତ କୁମାର ମହାପାତ୍ର

# ଅସହାୟ ଗଜପତି

କୋଣ୍ଡାପଲ୍ଲୀ ଦୁର୍ଗ ଏବଂ ସନ୍ନିକଟ ସୈନ୍ୟ ଶିବିରରେ ଅଖଣ୍ଡ ନୀରବତା। କୃଷ୍ଣଦେବରାୟଙ୍କ ସୈନ୍ୟବାହିନୀ ଦ୍ୱାରା ପରାଜୟ ବରଣ କରି କ୍ଷତବିକ୍ଷତ ଗଜପତି ପ୍ରତାପରୁଦ୍ର ଦେବ ଫେରିଆସିଛନ୍ତି କୋଣ୍ଡାପଲ୍ଲୀ। ତେଣେ କୋଣ୍ଡାଭିଡ୍ଡୁ ଦୁର୍ଗରେ ଉଡୁଛି ବିଜୟ ନଗରର ବିଜୟ ପତାକା। ଦୁର୍ଗ ରକ୍ଷା କରିବାକୁ ଅସମର୍ଥ କୁମାର ବୀରଭଦ୍ର ଓ ରାଜରାଣୀ ଭାନୁମତୀ କୃଷ୍ଣଦେବରାୟଙ୍କ ବନ୍ଦୀ। ସେମାନଙ୍କୁ ରକ୍ଷା କରିବା ତ ଦୂରର କଥା, କୋଣ୍ଡାଭିଡ୍ଡୁ ପର୍ଯ୍ୟନ୍ତ ଅଗ୍ରସର ହେବାକୁ ବି ସମର୍ଥ ହେଲେ ନାହିଁ ଗଜପତି ପ୍ରତାପରୁଦ୍ର ଦେବ। ଖାଲି କୋଣ୍ଡାଭିଡ୍ଡୁ କାହିଁକି ଦାକ୍ଷିଣାତ୍ୟର ଆଡ଼ାଙ୍କି, ଭେନୁକୋଣ୍ଡା, ବେଲମାକୋଣ୍ଡା, ନାଗାର୍ଜୁନକୋଣ୍ଡା, ଟାଙ୍ଗେଡ଼ା, କେତବର୍ଗନ ପ୍ରଭୃତି ଅଧିକାଂଶ ଗିରିଦୁର୍ଗ ଆଜି କୃଷ୍ଣଦେବରାୟଙ୍କ କବଳରେ। ଓଡ଼ିଶାର ଗଜପତି ପ୍ରତାପରୁଦ୍ରଦେବଙ୍କ ଦୀନହୀନ ଅବସ୍ଥା। ଉତ୍କଳ ଜନନୀର ଦୁର୍ଦ୍ଦିନ। କେବଳ ଶାରୀରିକ ନୁହେଁ, ମାନସିକ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି ଗଜପତି। ପାଖରେ ତାଙ୍କର ବିଦୂଷୀ କନ୍ୟା ରାଜଜେମା ଜଗନ୍‌ମୋହିନୀ।

କନ୍ୟା ଜଗନ୍‌ମୋହିନୀ ଗଜପତିଙ୍କୁ ସାନ୍ତ୍ୱନା ଦେଇ ତାଙ୍କର କ୍ଳେଶ ଲାଘବ କରିବାକୁ ଚେଷ୍ଟା କଲେ। ହେଲେ ବି ଅସ୍ଥିର ପ୍ରତାପରୁଦ୍ର। କେମିତି ବା ଧୈର୍ଯ୍ୟ ଧରିବେ ସେ! ଗୋଟିଏ ପରେ ଗୋଟିଏ ଦୁଃସମ୍ବାଦ। କୃଷ୍ଣଦେବରାୟଙ୍କ ଉଦୟଗିରି ଦୁର୍ଗ ଅଧିକାର। ପିତୃବ୍ୟ ତିରୁମଳା ରାଉତରାୟ ତାଙ୍କ ହାତରେ ବନ୍ଦୀ। କୋଣ୍ଡାଭିଡ୍ଡୁ ଦୁର୍ଗର ପତନ। ରାଜରାଣୀ ଭାନୁମତୀ ଓ ଯୁବରାଜ ବୀରଭଦ୍ର ବନ୍ଦୀ। ଏବଂ ନିଜେ ଅସମର୍ଥ ଗଜପତି। ଆଃ... କି ଅପମାନ! ପ୍ରତାପରୁଦ୍ର ଦେବ କ'ଣ କହି ସାନ୍ତ୍ୱନା ଦେବେ ନିଜକୁ? ଅତିମାତ୍ରାରେ ଭାଙ୍ଗିପଡୁଥିଲେ ପ୍ରତାପରୁଦ୍ର।

ବିଜୟ ନଗରର ଧୂର୍ତ୍ତ ପ୍ରଧାନମନ୍ତ୍ରୀ ଆପାଜୀ! କୋଣ୍ଡାଭିଡ୍ଡୁ ଦୁର୍ଗରେ ଅବରୁଦ୍ଧ ଷୋଳ ଜଣ ସେନାପତିଙ୍କୁ ଜାଲ ଚିଠି ଦେଖାଇ ଶାଲ୍ୱତିମିରସୁର ପ୍ରତାରଣା! ବିଜୟ ନଗରର ନୀତିହୀନ ସେନାବାହିନୀ ହାତରେ ସେମାନଙ୍କର ହତ୍ୟା! ସହି ହେଉ ନ ଥିଲା। କାହାକୁ ରକ୍ଷା କରିପାରିଲେ ନାହିଁ ନିଜେ ଗଜପତି ପ୍ରତାପରୁଦ୍ର ଦେବ। ପିତୃବ୍ୟ ହମ୍ବୀରଙ୍କର ପରାକ୍ରମୀ ପୁତ୍ର ନରହରି ପାତ୍ର ବି ରକ୍ଷା କରିପାରିଲେ ନାହିଁ କୋଣ୍ଡାଭିଡ୍ଡୁ ଦୁର୍ଗ। ସେ ବି ବନ୍ଦୀ କୃଷ୍ଣଦେବରାୟଙ୍କର।

ଓଡ଼ିଶାକୁ ଗଜପତି ପଠାଇଲେ ଅନନ୍ତ ସାମନ୍ତସିଂହାରଙ୍କୁ ସୈନ୍ୟ ସଂଗ୍ରହ ପାଇଁ। ଆଶା କରୁଥିଲେ ଏକ ନୂତନ ସୈନ୍ୟବଳ ସହିତ ସାମନ୍ତସିଂହାର ଫେରିବେ ଦାକ୍ଷିଣାତ୍ୟ। ପୁଣିଥରେ ଉତ୍କଳର ସୈନ୍ୟ ବାହିନୀରେ ଖେଳିଯିବ ଉନ୍ମାଦନା। ବିଜୟ ନଗର ସୈନ୍ୟ ବାହିନୀର ମୁକାବିଲା କରି ସେମାନେ ଆଗେଇବେ ଆଗକୁ ଆଗକୁ। କିନ୍ତୁ ହେଲା କ'ଣ?

ହତାଶ ହୋଇ ଫେରିଲେ ବୃଦ୍ଧ ସେନାନାୟକ ଅନନ୍ତ ସାମନ୍ତସିଂହାର। ଦୁଃଖ ଏବଂ ଅବସୋସରେ ମ୍ରିୟମାଣ ହୋଇ ତାଙ୍କ ସାଙ୍ଗରେ ଫେରିଛନ୍ତି ନରେନ୍ଦ୍ର ବାହୁବଳେନ୍ଦ୍ର। ସାମନ୍ତସିଂହାରଙ୍କ ଆଖିରେ ଏତାଦୃଶ ଅସହାୟତା କେବେ ଲକ୍ଷ୍ୟ କରି ନ ଥିଲେ ଗଜପତି ପ୍ରତାପରୁଦ୍ର। ତାଙ୍କ ସ୍ୱଳ୍ପ ସୈନ୍ୟବଳ ଦେଖି ଶଙ୍କିଯାଇଥିଲେ ପ୍ରତାପରୁଦ୍ର।

ଯୁଦ୍ଧ ପିପାସୁ ଓଡ଼ିଆ ପାଇକ ତେବେ କ'ଣ ରଣବିମୁଖ?

ଯୁଦ୍ଧର ନାଁ ଶୁଣିଲେ ଓଡ଼ିଆ ପାଇକ ଦେହରେ କାଳିଶି ଲାଗେ। ଖଣ୍ଡା ଖର୍ପର, ଢାଲ ତରବାରି, ଧନୁତୀର ଧରି ସେ ଆସି ପହଞ୍ଚେ ଆଖଡ଼ା ଘରେ। ପାଇକ ଆଖଡ଼ାରେ ଯୁଦ୍ଧବିଦ୍ୟା ଅଭ୍ୟାସ। ତା'ପରେ ଗାଁ ଗାଁ ମେଳି ହୋଇ ବାହାରିପଡ଼ନ୍ତି ଯୁଦ୍ଧ ପାଇଁ, ଅନେକ ଯୁଦ୍ଧର ଅଭିଜ୍ଞତା ବହନ କରି ଘରେ ବସିଥିବା ବୃଦ୍ଧମାନେ ବି ମାତି ଉଠନ୍ତି। କପିଳେନ୍ଦ୍ର ଦେବ ଗଜପତି ହେବା କାଳରୁ ଦାକ୍ଷିଣାତ୍ୟରେ ଯୁଦ୍ଧ ଲାଗିଛି ଯେ ସରିବାକୁ ନାହିଁ। ଓଡ଼ିଆ ପାଇକର ତରବାରି ଚକ୍‌ଚକ୍ କରୁଛି।

ଅଥଚ ଅନନ୍ତ ସାମନ୍ତସିଂହାର କହୁଛନ୍ତି, ''ଆଉ ଆଶା ନାହିଁ ଛାମୁ। ଓଡ଼ିଆ ପାଇକର ଶିରାପ୍ରଶିରାରେ ଖାରବେଳ, କପିଳେନ୍ଦ୍ର ଏବଂ ହମ୍ବୀରଦେବଙ୍କ ବୀର ରକ୍ତ ଆଉ ପ୍ରବାହିତ ହେଉନାହିଁ। ଏବେ ଗାଁ ଦାଣ୍ଡରେ ଭେଣ୍ଡା ଟୋକାଗୁଡ଼ାକ ଗୋପୀ ସାଜି, ନିଶା ଟାଣି ହରିନାମ କୀର୍ତ୍ତନ କରୁଛନ୍ତି। ତାଙ୍କ ଧମନୀ, ଶିରାପ୍ରଶିରାରେ ସଞ୍ଚରିଗଲାଣି ସହଜିଆ ଭକ୍ତିଭାବର ମଧୁର ପ୍ରେମରସ। ରାଧା କୃଷ୍ଣ ପ୍ରେମ ସ୍ମରଣରେ ସେମାନେ ଆଜି ଅର୍ଦ୍ଧଉନ୍ମାଦ। ଯେଉଁଠି ଦେଖିବ ଖୋଳ କରତାଳ, ଝାଞ୍ଜ ମୁର୍ଦ୍ଦଙ୍ଗ, ହରିନାମ। ଭଜ ନିତାଇ ଗୌର ରାଧେ ଶ୍ୟାମ, ଜପ ହରେକୃଷ୍ଣ ହରେ ରାମ। ଆଉ କାହା କଥା କହିବା, ରାଜମହେନ୍ଦ୍ରୀର ପରୀକ୍ଷ ରାୟ ରାମାନନ୍ଦ ତ ଚୈତନ୍ୟଙ୍କ ଭକ୍ତ ସାଜି ବୈରାଗୀ ହୋଇଗଲେଣି। ଉତ୍କଳର ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ କୃଷ୍ଣାବେଣୀରେ ସନ୍ଧ୍ୟା ନଇଁଲା ବେଳକୁ ଉତ୍କଳ ଦେଶରେ ଏ ଚୈତନ୍ୟ ମହାପ୍ରଭୁଙ୍କ ଆବିର୍ଭାବ। ସେ ଚୈତନ୍ୟ ମହାପ୍ରଭୁ ତ ବୈରାଗୀ ଲୋକ! କିନ୍ତୁ ଓଡ଼ିଶାର ଗାଁ ଗଣ୍ଡାରେ ଭକ୍ତିପ୍ରେମର କୃଷ୍ଣରାଧା ନାମର ଯେଉଁ ଉଜାଣି ଯମୁନା ବୋହୁଛି, ସେ ଧୋଇନେବ ଓଡ଼ିଆ ଜାତିର ଗୌରବ, ଓଡ଼ିଆ ଜାତିର ଐତିହ୍ୟ, ଓଡ଼ିଆ ଜାତିର ବୀରତ୍ୱ। ଓଡ଼ିଆ ଜାତିର ଅହଂ, ଆତ୍ମସମ୍ମାନ।''

ତା'ହେଲେ ଅନନ୍ତ ସାମନ୍ତସିଂହାରଙ୍କ ଓଜସ୍ୱିନୀ ଅନୁପ୍ରେରଣା, ଉତ୍ସାହବାଣୀ କ'ଣ ଫଳପ୍ରଦ ହେଲା ନାହିଁ? ଯାହାର ରଣହୁଙ୍କାରରେ ଶହ ଶହ ଓଡ଼ିଆ ପାଇକ ରଣକ୍ଷେତ୍ରକୁ ଝାସ ଦେଇଥିଲେ, ସେହି ସେନାନାୟକ ଅନନ୍ତ ସାମନ୍ତସିଂହାର ଆଜି ଫେରୁଛନ୍ତି ଖାଲି ହାତରେ! ସାଙ୍ଗରେ କେତେଜଣ ମାତ୍ର ବୃଦ୍ଧ, ଅକର୍ମଣ୍ୟ ପାଇକ। ଓଡ଼ିଆ ଜାତିର ଗର୍ବ ଗୌରବର ସନ୍ତକ। ସେମାନଙ୍କୁ ନେଇ ଗର୍ବ କରିହୁଏ। ଦେଶାତ୍ମବୋଧର ଉତ୍ତେଜନାରେ ଦେହ ମନକୁ ଉଲ୍ଲସିତ କରିହୁଏ। କିନ୍ତୁ ସେମାନଙ୍କୁ ନେଇ ରଣକ୍ଷେତ୍ରରେ ଶତ୍ରୁର ସାମ୍ନା କରାଯାଇ ପାରେନା।

ଉଦୟଗିରି ଯାଇଛି। କୋଣ୍ଡାଭିଡ୍ଡୁରେ ଉଡୁଛି ବିଜୟ ନଗରର ବିଜୟ ଧ୍ୱଜା। କେତେଟା ଦିନ ପରେ ହୁଏତ କୃଷ୍ଣଦେବରାୟ କୋଣ୍ଡାପଲ୍ଲୀ ଆକ୍ରମଣ କରିବ!

''କିନ୍ତୁ କୋଣ୍ଡାପଲ୍ଲୀ ତ କୃଷ୍ଣାନଦୀର ଏପଟରେ?'' ଜଗନ୍‌ମୋହିନୀଙ୍କର ପ୍ରଶ୍ନ।

''କପିଳେନ୍ଦ୍ରଦେବ, ପୁରୁଷୋତ୍ତମଦେବ ତ ପୁଣି କୃଷ୍ଣାନଦୀ ଟପି ଜୟ କରିଥିଲେ କୋଣ୍ଡାଭିଡ୍ଡୁ, ଉଦୟଗିରି। ଖାଲି ସେତିକି ନୁହେଁ, ଉତ୍କଳ ସମ୍ରାଟ୍‌ଙ୍କ ଦୁର୍ଦ୍ଧର୍ଷସେନା ପେନାର ନଦୀ ଅତିକ୍ରମ କରି ଚନ୍ଦ୍ରଗିରି ଓ କାଞ୍ଚି ମଧ୍ୟ ଅଧିକାର କରିଥିଲେ। ବିସ୍ତାର କରିଥିଲେ ଉତ୍କଳର ସାମ୍ରାଜ୍ୟ କାବେରୀ ନଦୀ ପର୍ଯ୍ୟନ୍ତ।'' କହିଲେ ଗଜପତି।

''କିନ୍ତୁ ମୁଁ ଶୁଣିଥିଲି କୃଷ୍ଣଦେବ ନ୍ୟାୟବନ୍ତ। ସେ ଆକ୍ରମଣକାରୀ ନୁହନ୍ତି।''

''ଏ ତୋ'ର ଭ୍ରମ ମାତ୍ର। କୃଷ୍ଣଦେବ ହୁଏତ ନ୍ୟାୟବନ୍ତ ହୋଇପାରନ୍ତି। କିନ୍ତୁ ତାଙ୍କର ମନ୍ତ୍ରୀ ଶାଲ୍ୱତିମିରସୁ... ଆଜିର ଏ ସୁଯୋଗ କେବେ ହାତଛଡ଼ା କରିବେ ନାହିଁ। ବିଜୟ ପରେ ବିଜୟ ଲାଭ କରି ରଣଉନ୍ମତ୍ତ ବିଜୟ ନଗରର ପଦାତିକ, ଅଶ୍ୱାରୋହୀ ଏବଂ ରଣହସ୍ତୀ ସମୂହ। ଏ ସମୟ ଏ ସୁଯୋଗର ନିଶ୍ଚୟ ସୁବ୍ୟବହାର କରିବେ ଆପାଜୀ ଶାଲ୍ୱତିମିରସୁ। ମୁଁ କ୍ଷତବିକ୍ଷତ। ଓଡ଼ିଶାରୁ ସୈନ୍ୟ ସମାଗମର ସମ୍ଭାବନା ନାହିଁ। ଖବର ମିଳିଛି ମହାମନ୍ତ୍ରୀ ଗୋବିନ୍ଦ ବିଦ୍ୟାଧର ହୁସେନ୍ ଶାହା ସହ ଚୁକ୍ତିବଦ୍ଧ। ତାକୁ ଉତ୍କୋଚ ଦେଇ ଓଡ଼ିଶାର ମହାମନ୍ତ୍ରୀ ମନ୍ଦାରଦୁର୍ଗ ଛାଡ଼ି ବଙ୍ଗଦେଶରୁ ଫେରିଆସିଛନ୍ତି ରାଜଧାନୀ କଟକ। କି ପ୍ରତାରଣା, କି ପ୍ରବଞ୍ଚନା! ଉତ୍କଳର ମହାମନ୍ତ୍ରୀ ବିଚକ୍ଷଣ ସେନାନାୟକ ଗୋବିନ୍ଦ ବିଦ୍ୟାଧର ଆଜି ବଙ୍ଗର ଯବନ ଲୁଣ୍ଠନକାରୀ ହୁସେନ୍ ଶାହାର ଶରଣାପନ୍ନ! ଏହା ଭାଗ୍ୟର ବିଡ଼ମ୍ବନା ନୁହେଁ ତ ଆଉ କ'ଣ?''

''କିନ୍ତୁ ବାପା, ଗୋବିନ୍ଦ ବିଦ୍ୟାଧର ତ ଆପଣଙ୍କୁ ସହାୟତା କରିବା ପାଇଁ ଆସୁଛନ୍ତି କୋଣ୍ଡାପଲ୍ଲୀ!''

''ହଁ ମା... ଜାଣେ। ଯେ କୌଣସି ମୁହୂର୍ତ୍ତରେ ସେ ପହଞ୍ଚିପାରନ୍ତି ଏଠାରେ। କିନ୍ତୁ... କାହିଁକି ଆସୁଛ ମୋତେ ସାକ୍ଷାତ୍ କରିବାକୁ...? କେଉଁ ମୁହଁରେ? କି ପ୍ରାୟଶ୍ଚିତ୍ତ କରି ତୁମେ ଧୋଇଦେବ ତୁମ ମୁହଁରୁ ପାପ ଓ ବିଶ୍ୱାସଘାତକତାର କାଳିମା?'' ସ୍ୱଗତୋକ୍ତି କଲେ ଗଜପତି। ଦୁଃଖ, ହତାଶା, ଗ୍ଳାନି ଓ କ୍ଷୋଭରେ ସେ ମ୍ରିୟମାଣ ହୋଇ ପଡୁଥିଲେ।

ଏତିକିବେଳେ ପ୍ରବେଶ କଲେ ମହାମନ୍ତ୍ରୀ ଗୋବିନ୍ଦ ବିଦ୍ୟାଧର। ତାଙ୍କର ଅପ୍ରତ୍ୟାଶିତ ଆବିର୍ଭାବରେ ଗଜପତି ଆଶ୍ଚର୍ଯ୍ୟ ହେବା ସ୍ୱାଭାବିକ। ଗୋବିନ୍ଦ ବିଦ୍ୟାଧର ଗଜପତିଙ୍କୁ ଯଥାମାନ୍ୟ ଜଣାଇଲେ। ଗଜପତିଙ୍କର ଅପ୍ରସନ୍ନଭାବ ଲକ୍ଷ୍ୟ କଲେ ସେ। ନିଜଆଡୁ କୈଫିୟତ୍ ଦେବାକୁ ଆରମ୍ଭ କଲେ ସେ।

''ଗୋବିନ୍ଦ ବିଦ୍ୟାଧର ଆପଣଙ୍କ ଅନ୍ନରେ ପ୍ରତିପାଳିତ ପ୍ରଭୁ! ସେ ଆପଣଙ୍କ ରକ୍ଷାକର୍ତ୍ତା ମାତ୍ର। ନିଷ୍ପତ୍ତି ଆପଣଙ୍କର। ହଁ, ମୁଁ ହୁସେନ୍ ଶାହା ସହିତ ସନ୍ଧି କରିଛି। ରଣକ୍ଷେତ୍ରରେ ଜୀବନ ଦେବାର ବୀରତ୍ୱ ନ ଦେଖେଇ ଉତ୍କୋଚ ଦେଇ ପ୍ରାଣ ରକ୍ଷା କରିଛି ମୋ' ନିଜର ଏବଂ ଉତ୍କଳୀୟ ସେନାବାହିନୀର। ଆତ୍ମଘାତୀ ନ ହୋଇ ଆତ୍ମସ୍ୱାର୍ଥୀ ହୋଇଛି।''

କିନ୍ତୁ କାହିଁକି, କାହିଁକି ଗୋବିନ୍ଦ ବିଦ୍ୟାଧର! ଜୀବନ ପ୍ରତି କ'ଣ ଉତ୍କଳର ସେନାପତି ଓ ପାଇକମାନଙ୍କର ଏତେ ମମତା? ଏଣେ ଯେ ଉତ୍କଳର ମାନ ରକ୍ଷା କରିବାକୁ ଯାଇ ଉଦୟଗିରି ଦୁର୍ଗରେ ହଜାର ହଜାର ପାଇକ ଅଠରମାସ ଧରି ଅନାହାର ଏବଂ ଅର୍ଦ୍ଧାହାରରେ ମୃତ୍ୟୁବରଣ କଲେ। ସେମାନେ କ'ଣ କୃଷ୍ଣଦେବରାୟଙ୍କର ଶରଣାପନ୍ନ ହୋଇ ଆତ୍ମରକ୍ଷା କରିପାରି ନ ଥାଆନ୍ତେ?

''ସେଇଥିପାଇଁ ତ ମୁଁ ଚାହୁଁଥିଲି ଉତ୍ତରାଞ୍ଚଳରୁ ଅବ୍ୟାହତି। ଅବଶ୍ୟ ସେ ଅବ୍ୟାହତି ପାଇବା ପାଇଁ ମୋତେ ଉତ୍କୋଚ ଦେବାକୁ ପଡ଼ିଲା ହୁସେନ୍ ଶାହାକୁ। କିନ୍ତୁ କୃଷ୍ଣାନଦୀ ତଟରେ ଓଡ଼ିଆ ସୈନ୍ୟବଳର ଯାହା ଅବସ୍ଥା... ଅଧିକ ସୈନ୍ୟବଳ ନ ମିଳିଲେ ଯେ ସବୁ ଓଲଟପାଲଟ ହୋଇଯିବ! ଏଠାରେ ଆସି ଶୁଣିଲି କୋଣ୍ଡାଭିଡ୍ଡୁ ଦୁର୍ଗ ଶତ୍ରୁ ହାତରେ। କୁମାର ବୀରଭଦ୍ର, ରାଜରାଣୀ ଭାନୁମତୀ ବନ୍ଦୀ। ଆପଣ ଏଠି କୋଣ୍ଡାପଲ୍ଲୀରେ। ସାମନ୍ତସିଂହାର ଫେରିଛନ୍ତି ରିକ୍ତ ହସ୍ତରେ। ଏ ସମୟରେ... ଏଠାରେ ମୋର ଉପସ୍ଥିତି କ'ଣ ଅପ୍ରାସଙ୍ଗିକ ଛାମୁ?'' ଗଜପତି ପ୍ରତାପରୁଦ୍ର ଦେବ ଗୋବିନ୍ଦ ବିଦ୍ୟାଧରଙ୍କ ଏ ବକ୍ତବ୍ୟରୁ ଯେମିତି କିଛି କଳନା କରିବାକୁ ଚେଷ୍ଟା କରୁଥିଲେ। ପୁଣିଥରେ କ୍ଷମାପ୍ରାର୍ଥନା କଲେ ଗୋବିନ୍ଦ ବିଦ୍ୟାଧର।

''ଉତ୍କଳ ଗଜପତିଙ୍କର ଏହି ଦୁଃସମୟରେ ତାଙ୍କର ସାହାଯ୍ୟ ପାଇଁ ଏ ଅଧୀନର ଏତିକି ଧୃଷ୍ଟତା କ'ଣ ମାର୍ଜନୀୟ ନୁହେଁ? ହୁସେନ୍ ଶାହା ପ୍ରତିଶ୍ରୁତି ଦେଇଛି, ବଙ୍ଗବାହିନୀ ମେଦିନାପୁର ଅତିକ୍ରମ କରିବ ନାହିଁ। ମନ୍ଦାରଦୁର୍ଗଠାରୁ ଫେରିଯାଇଛନ୍ତି ସେମାନେ। ସାମାନ୍ୟ କିଛି ଉତ୍କୋଚ ବିନିମୟରେ।''

''ତୁମକୁ ଲାଜ ଲାଗୁନାହିଁ ଗୋବିନ୍ଦ ବିଦ୍ୟାଧର! ଏହି ତୁମର ବିଚାରବୁଦ୍ଧି? ଏହି ତୁମର ଦେଶପ୍ରେମ? ଉତ୍କୋଚ ପ୍ରଲୋଭନର ଅନ୍ତ ନାହିଁ ଗୋବିନ୍ଦ ବିଦ୍ୟାଧର। ଏହି ଉତ୍କୋଚ ବା ଅନ୍ୟ କିଛି ସୁବିଧା ଲୋଭରେ ହୁସେନ୍ ଶାହା ବାରମ୍ବାର ଓଡ଼ିଶା ଆକ୍ରମଣ କରିବ। ଏବଂ ଉତ୍କଳର ଧନ, ମାନ, ମହତ ଯବନ ହସ୍ତରେ ଅର୍ପଣ କରି ମହାମନ୍ତ୍ରୀ ବୋଲାଇବ ତୁମେ? ... ଉତ୍କୋଚ ଦେବାର ଏବଂ ନେବାର ମନୋବୃତ୍ତି ସମାଜ ଓ ଦେଶକୁ ଦୁର୍ବଳ କରିଦିଏ ବିଦ୍ୟାଧର। କଳୁଷିତ କରିଦିଏ ସମାଜର ବିଧି ବ୍ୟବସ୍ଥାକୁ। ଟଳମଳ କରିଦିଏ ସମାଜର ନୈତିକତା। ଜୀବନର ମୂଲ୍ୟବୋଧକୁ ଛିନ୍ନଭିନ୍ନ କରିଦିଏ ଏହି ମହାମାରୀ ବ୍ୟାଧି।''

''ମୁଁ ଲଜ୍ଜିତ ପ୍ରଭୁ! ଗଜପତିଙ୍କ ହୃଦୟତନ୍ତ୍ରୀରେ ଆଘାତ ଦେଇ ମୁଁ ଅନୁତପ୍ତ। ଆପଣ ମୋ' ପ୍ରତି ଇଚ୍ଛା ମୁତାବକ ଦଣ୍ଡାଦେଶ ଦେଇପାରନ୍ତି।''

''ତେବେ ତୁମେ ଅନୁତାପ କରିଛ... ବୁଝିପାରିଛ ତମର ଭ୍ରମ... ଆଉ ଦଣ୍ଡାଦେଶର ପ୍ରୟୋଜନ କ'ଣ! ଏହି ନିଅ ତୁମର ତରବାରି। ତୁମେ ବିଚାରବନ୍ତ। କୃଷ୍ଣଦେବରାୟଙ୍କ ସେନା କୋଣ୍ଡାପଲ୍ଲୀର ଦ୍ୱାରଦେଶରେ। ଉତ୍କଳର ଯୁବରାଜ ବୀରଭଦ୍ର ବିଜୟ ନଗରରେ ବନ୍ଦୀ। ତୁମେ ଠିକ୍ କରିନିଅ ତୁମର କର୍ତ୍ତବ୍ୟ।''

ଏତିକି କହି ଗୋବିନ୍ଦ ବିଦ୍ୟାଧରଙ୍କ ହାତରେ ତରବାରି ଅର୍ପଣ କରି ନିଜକୁ ସାମାନ୍ୟ ଆଶ୍ୱସ୍ତ କରିବାର ଚେଷ୍ଟାରେ ଥିଲେ ଅସହାୟ ଗଜପତି ପ୍ରତାପରୁଦ୍ର ଦେବ।



# ମୋହରା

ମୂଳ ହିନ୍ଦୀ: ନୀତା ବର୍ମା

ଅନୁସୃଜନ: ଭିକାରୀ ଚରଣ ପ୍ରଧାନ

ଟ୍ରେନ୍‌ରୁ ଓହ୍ଲାଇବା ପରେ 'ଅନୁ' ଥରେ ଚିନ୍ତା କଲା ଯେ ସେ 'ରାମକୁମାର'କୁ ଫୋନ୍ କରି ତା' ଆସିବାର ସୂଚନା ଦେବ। ସେ ତା' ପାଇଁ ଗାଡ଼ି ନେଇ ଆସିଯିବ। ହେଲେ ପୁଣି କ'ଣ ଭାବି ଏ ନିଷ୍ପତ୍ତି ବଦଳାଇ ଦେଲା। ନା' ସେ ହଠାତ୍ ପହଞ୍ଚିଯାଇ ରାମକୁ ସରପ୍ରାଇଜ୍ ଦେବ। ଅନୁକୁ ଗୋଟାଏ ଦିନ ପରେ ଆସିବାର ଥିଲା, ହେଲେ ରାମୁ ସହ ମିଶିବାର ଆବେଗ ତାକୁ ଗୋଟିଏ ଦିନ ପୂର୍ବରୁ ନେଇ ଆସିଲା।

ଟ୍ୟାକ୍ସି ନେଇ ସିଧା ସେ ନିଜ ଫ୍ଲାଟ୍‌ରେ ପହଞ୍ଚିଗଲା। ଡୁପ୍ଲିକେଟ୍ ଚାବିରେ ଫ୍ଲାଟ୍‌ର ଦରଜା ଖୋଲି ଭିତରେ ପଶିଲା। ଡ୍ରଇଂରୁମ୍‌ରେ ପାଦ ଦେବା ମାତ୍ରେ ସେ କିଛି ଫୁସ୍‌ଫାସ୍ ଶବ୍ଦ ଶୁଣିବାକୁ ପାଇଲା। ତେଣୁ ସେ ବେଡ୍‌ରୁମ୍ ଆଡ଼କୁ ଚାଲିଲା, ହେଲେ ଭିତରକୁ ଯିବା ପୂର୍ବରୁ ସେଠାରେ ବି ତାକୁ ଅଟକି ଯିବାକୁ ପଡ଼ିଲା।

ଭିତରୁ ରାମ କୁମାରର ସ୍ୱର ଆସୁଥାଏ। ଆଜି ମନଭରି ମୋ' ସୁନ୍ଦରୀ ସୀତା ସହ ମସ୍ତି କରି ନେବି, କାଲିଠୁ ପୁଣି ସେଇ କାଳିକୋତରୀ ଅନୁକୁ ଖୁସି କରିବାକୁ ପଡ଼ିବ।

: ହେଲେ ଏ ଅଭିନୟ କେତେ ଦିନ? ଏପଟେ ତୁମେ ବ୍ୟସ୍ତ, ସେପଟେ ମୁଁ ବି, ତୁମେ କ'ଣ ଜାଣିବ ତୁମ ବିନା ମୁଁ କେତେ କଷ୍ଟରେ ରହୁଛି! ସୀତାର ସ୍ୱର ଶୁଭୁଥିଲା।

ଅନୁ ଶ୍ୱାସ ବନ୍ଦ କରି ସେମାନଙ୍କର କଥା ଶୁଣୁଥିଲା। ରାମକୁମାର ହଠାତ୍ ଚାପା ଗଳାରେ କହିଲା– କିଛିଦିନ ଅପେକ୍ଷା କର ପ୍ରିୟା! ଛ'ମାସ ତ ବିତିଗଲାଣି। ଆଉ ଛ'ମାସ କେମିତି କାଟି ଦିଅ। ଏବେ ଆମ ଆକାଉଣ୍ଟରେ କୋଡ଼ିଏ ଲକ୍ଷ ଟଙ୍କା ଅଛି। ଆଉ କିଛି ପଇସା ଜମା ହେଇଯାଉ, ସେଇ କାଳିକୋତରୀଟାକୁ ଛୁଟି କରିଦେବି।

ସୀତାର ଖୁସି ବେଶ୍ ବାରି ହେଉଥିଲା ତା' କଣ୍ଠରୁ।

: ଠିକ୍ ଅଛି, ଆଉ କେତେଟା ଦିନ ସମ୍ଭାଳୁଛି, ହେଲେ ମତେ ନେଇ ସାରା ଦୁନିଆ ବୁଲାଇବା କଥା ମନେ ଅଛି ନା?

: ହଁ ଡାର୍ଲିଂ, ଏଇଥିପାଇଁ ତ ଅନୁ କୁମାରୀକୁ ଜାଲରେ ଫସାଇଛି, ଯେମିତି କିଛି ସମ୍ପତ୍ତି ଏକାଠି କରିପାରିବି। ଏତିକି କହି ରାମକୁମାର ଜୋର୍‌ରେ ହସି ଉଠିଲା, ଅନୁ ଭୟରେ ଥରିଗଲା।

ସେ ପାଦ ଚିପିଚିପି ଡ୍ରଇଂରୁମ୍‌କୁ ଫେରି ଆସିଲା ଆଉ ବ୍ୟାଗ୍ ନେଇ ଚୁପ୍‌ଚାପ୍ ବାହାରକୁ ଚାଲିଗଲା।

କୌଣସି ପ୍ରକାରେ ଟ୍ୟାକ୍ସିରେ ବସି ହୋଟେଲ 'କିଶନ୍'ରେ ପହଞ୍ଚି ଦିନକ ପାଇଁ ରୁମ୍ ବୁକ୍ କରିନେଲା।

ରୁମ୍ ଭିତରେ ପହଞ୍ଚି ଭିତରୁ ଡୋର ବନ୍ଦ କରିଦେଲା ଆଉ ଗଛ କାଟିଲା ପରି ବେଡ୍ ଉପରେ ଲୋଟିଗଲା। ତା' ମୁଣ୍ଡ ଭିତରେ ପ୍ରଚଣ୍ଡ ଝଡ଼ ଉଠୁଥାଏ। ଏତେବଡ଼ ଧୋକାବାଜ୍ ରାମକୁମାର, ସେ ସ୍ୱପ୍ନରେ ବି ଭାବି ନ ଥିଲା। ସେ ତ ତାକୁ ନିଜର ସବୁଠାରୁ ବେଶୀ ଅନ୍ତରଙ୍ଗ ବୋଲି ଭାବୁଥିଲା।

ଅନୁର ବର୍ଷକ ତଳର କଥା ମନେ ପଡ଼ିଗଲା, ଯେତେବେଳେ ସେ ସିଡିପିଓ ଇଣ୍ଟରଭ୍ୟୁ ପାଶ୍ କରି ପଶ୍ଚିମ ଚମ୍ପାରନ୍‌ର ଏକ ଛୋଟ ସହରରେ ଚାକିରୀରେ ଭର୍ତ୍ତି ହୋଇଥିଲା।

ଅନୁ ଥିଲା ଏକ ଆଦିବାସୀ ଝିଅ। ଚାକିରୀରେ ଅଜଣା ଜାଗାରେ ଜଏନିଂ ପରେ ତାକୁ ବହୁତ ଅସୁବିଧାର ସାମ୍ନା କରିବାକୁ ପଡ଼ିଲା। ଆଉ ଠିକ୍ ଏତିକିବେଳେ ଅଫିସ୍‌ର ସୁପରଭାଇଜର ରାମକୁମାର ତା' ପାଇଁ ଭଗବାନ ହୋଇ ଆସି ପହଞ୍ଚିଗଲା।

ସେ ଅନୁକୁ ପ୍ରତି ପଦକ୍ଷେପରେ ସାହାଯ୍ୟ କଲା। ରାମକୁମାରର ସହାୟତାରେ ଅନୁ ତା' କାମ ଠିକ୍ ଭାବେ ସମ୍ଭାଳି ନେଲା। ଅନୁ ରହିବା ପାଇଁ ଫ୍ଲାଟ୍ ଆଉ ସବୁ ଆନୁଷଙ୍ଗିକ ଦ୍ରବ୍ୟ ବ୍ୟବସ୍ଥା ବି ସେ କରିଦେଲା।

ଏହି ପରିପ୍ରେକ୍ଷୀରେ ଅନୁ ଓ ରାମକୁମାର ପରସ୍ପରର ନିକଟତର ହୋଇଗଲେ। ଅନୁ ରାମକୁମାର ପାଖରେ ବିବାହ ପ୍ରସ୍ତାବ ରଖିବାରୁ ସେ ଖୁବ୍ ଖୁସି ହୋଇଗଲା, ହେଲେ ସମସ୍ୟା ଥିଲା ଯେ ରାମକୁମାର ଥିଲା ବିବାହିତ ଆଉ ଦୁଇଟି ସନ୍ତାନର ପିତା।

ଏଭଳି ଲଜ୍ଜାଜନକ ସ୍ଥିତିରେ ରାମକୁମାରର ସ୍ତ୍ରୀ ସୀତା ଖୁବ୍ ଚତୁରତାର ସହ କାମ କଲା, ହେଲେ ତା'ର ଗୋଟିଏ ସର୍ତ୍ତ ଥିଲା– ''ମୁଁ ରାମକୁମାରର ଖୁସି ପାଇଁ ତା' ଜୀବନରୁ ଚୁପ୍‌ଚାପ୍ ବାହାରି ଯିବି, କିନ୍ତୁ ଛାଡ଼ପତ୍ର ଦେଇପାରିବିନି।''

ମୁଁ ଲିଖିତ ରୂପରେ ଦ୍ୱିତୀୟ ବିବାହ କରିବା ପାଇଁ ଅଙ୍ଗୀକାର ଦେଉଛି, ସେ ଯେତେବେଳେ ଚାହିଁବ ପିଲାମାନଙ୍କ ସହ ମିଶି ପାରିବ, କିନ୍ତୁ ଆମର ପୂରା ଖର୍ଚ୍ଚ ଦେବାକୁ ହେବ।

ଏହି ସୁଯୋଗରେ ସୀତାର ସ୍ୱୀକୃତି ନେଇ ରାମକୁମାର ଅନୁରାଧାକୁ ବିବାହ କରିନେଲା। ଷ୍ଟାଫ୍‌ମାନେ ଦିନ କେଇଟା ଫୁସ୍‌ଫାସ୍ ହେଲେ, ଧୀରେଧୀରେ ସବୁ କିଛି ଠିକ୍‌ଠାକ୍ ହେଇଗଲା।

ରାମକୁମାରର ପ୍ରେମରେ ବୁଡ଼ିଯାଇ ଅନୁ ତା'ର ସମସ୍ତ କଥାକୁ ମାନିନେଲା। ତା' କହିବା ମୁତାବକ ସେ ବ୍ୟାଙ୍କ୍‌ରେ ଜଏଣ୍ଟ ଆକାଉଣ୍ଟ ବି ଖୋଲିଦେଲା।

ଅନୁର ପ୍ରତିମାସର ଉପୁରି ରୋଜଗାର ଏକ ଲକ୍ଷ ଟଙ୍କା ଥିଲା, ଯାହାକୁ ସେ ସିଧା ନିଜ ଆକାଉଣ୍ଟରେ ରଖି ଦେଉଥିଲା। ଘର ଖର୍ଚ୍ଚ ଆଉ ଅନ୍ୟ ସଉକ ସେ ଦରମାରେ ହିଁ କରୁଥିଲା। ଏହିପରି ରାମକୁମାରର ମଧ୍ୟ ଭଲ ଉପୁରି ଆମଦାନି ଥିଲା, ଯାହାକୁ ସେ ଆକାଉଣ୍ଟରେ ରଖି ଦେଉଥିଲା। ଚୁକ୍ତି ମୁତାବକ ତା'ର ଦରମା ସେ ସୀତାକୁ ଦେଇଦେଉଥିଲା।

ଆଜି ଅନୁ ଆଗରେ ରାମକୁମାରର ଅସଲ ଚେହେରା ଧରାପଡ଼ିଗଲା। ସେ ଭଲ ଭାବରେ ବୁଝିଗଲାଯେ ସମ୍ପତ୍ତି ଲୋଭରେ ରାମକୁମାର ଆଉ ସୀତା ଉଭୟେ ମିଶି ତାକୁ ମୋହରା ବନାଇଛନ୍ତି। କ୍ରୋଧରେ ତା'ର ଆଖିରୁ ନିଆଁ ଝୁଲ ବର୍ଷା ହେବାକୁ ଲାଗିଲା।

ସେ ଭାବିଚିନ୍ତି ନିଷ୍ପତ୍ତି ନେଲା ଏବେ କ'ଣ କରିବାକୁ ହେବ। ସେ ଦୁନିଆକୁ ଦେଖାଇଦେବ ଯେ ଏକ ସାଦାସିଧା ଆଦିବାସୀ ଝିଅ ଭଲ ପାଇବା ଜାଣେ, ଧୋକାବାଜ୍‌କୁ ପାଠ ପଢ଼େଇବା ବି ଜାଣେ।

ତା'ପର ଦିନ ଯଥା ସମୟରେ ସେ ଷ୍ଟେଶନ୍‌ରେ ପହଞ୍ଚିଗଲା। ଟ୍ରେନ୍ ଆସିବାରୁ ପ୍ଲାଟ୍‌ଫର୍ମରୁ ବାହାରି ଆସିଲା।

ରାମକୁମାର ଗାଡ଼ି ନେଇ ଆସିଥିଲା। ତାକୁ ଦେଖି ଅନୁ ଭିତରେ ଜଳି ଉଠିଲା, ହେଲେ ଉପରେ ସ୍ୱାଭାବିକ ହେବାର ଅଭିନୟ କଲା।

ରାମକୁମାର ଆତୁର ପ୍ରେମିକ ପରି ବ୍ୟବହାର କଲା। ଅନୁ ଘୃଣା ସହିତ ଆଶ୍ଚର୍ଯ୍ୟ ବି ହେଲା, ଲୋକ କିପରି ମୁଖା ବଦଳାଇ ଜିଇଁ ରହନ୍ତି। ଅନୁକୁ ଘରେ ଛାଡ଼ି ଦେଇ ତାକୁ ଆରାମ କରିବାକୁ କହି ରାମକୁମାର ଅଫିସ ଚାଲିଗଲା।

ସେ ଯିବାପରେ ଅନୁ ଉଠିଲା ଆଉ ବ୍ୟାଙ୍କ ଚେକ୍‌ବୁକ୍ ନେଇ ପ୍ରଥମେ ବ୍ୟାଙ୍କ୍‌ରେ ପହଞ୍ଚିଲା। ମ୍ୟାନେଜର ସାହେବଙ୍କୁ ସମସ୍ତ ବୃତ୍ତାନ୍ତ କହି ସେ ନିଜ ପାଇଁ ନୂଆ ଆକାଉଣ୍ଟ ଖୋଲିଦେଲା, ପୁଣି ଜଏଣ୍ଟ ଖାତାର ସମସ୍ତ ଟଙ୍କା ଉଠାଇ ନିଜ ଖାତାରେ ଜମା କରି ଦେଲା।

ଏହାପରେ ସେ ଆରାମରେ ମଙ୍ଗଳସୂତ୍ର, ଚୁଡ଼ି, ବିନ୍ଦି ଆଉ ସିନ୍ଦୂର ସବୁକିଛି ଉତାରି ଦେଲା। ଏବେ ସେ ନିଜକୁ ଖୁବ୍ ହାଲୁକା ମନେ କରୁଥିଲା। ଯେବେଠାରୁ ବାହାଘର ହୋଇଥିଲା ରାମକୁମାରର ପସନ୍ଦରେ ସେ ଶାଢ଼ି ପିନ୍ଧୁଥିଲା, ହେଲେ ଆଜି ଡ୍ରେସ ପିନ୍ଧି ବସି ଏକ ପତ୍ରିକାର ପୃଷ୍ଠା ଓଲଟାଉଥିଲା।

ସନ୍ଧ୍ୟାକୁ ରାମକୁମାର ଘରକୁ ଆସିଲା, ଅନୁର ପରିବର୍ତ୍ତିତ ଚେହେରା ଦେଖି ସେ ସ୍ତବ୍ଧ ହୋଇଗଲା।

: ଏ କ'ଣ? ତୁମେ ବୋହୂ ବେଶ ଉତାରି ଦେଇଛ କ'ଣ? ସେ ପଚାରିଲା।

: କି ବୋହୂ? ମୋର ତ ବାହାଘର ହେଇନି। ମୁଁ ତ ମିସ୍ ଅନୁ କୁମାରୀ, ଅନୁ ବେପରୱା ଭାବେ କହିଲା।

ରାମକୁମାର ଶଙ୍କିଯାଇ ପଚାରିଲା– କ'ଣ ଏମିତି ବକ୍‌ବାସ କରୁଛ? ତୁମେ ମତେ ମନ୍ଦିରରେ ବାହାହେଇଛ, ମତେ ସ୍ୱାମୀ ବୋଲି ସ୍ୱୀକାର କରିଛ।

: ହିଃ... ହିଃ... ହିଃ... ହିଃ... ଅନୁ ଏତେ ଜୋରରେ ହସିଲାଯେ ରାମକୁମାର ଡରିଗଲା। ସେ କହିଲା– ତୁମକୁ ବିବାହ କରିବାର କି ପ୍ରମାଣ ତୁମ ପାଖରେ ଅଛି? ତୁମେ ତ ଆଗରୁ ବିବାହିତ ଆଉ ଦି'ଟା ପିଲାର ବାପ... ମୁଁ ତୁମକୁ ବାହାହେବି କାହିଁକି?

ଏକଥା ଶୁଣିବା ପରେ ରାମକୁମାରର ଦେହରୁ ଝାଳ ବୋହିଗଲା। ସେ କହିଲା– ତୁମେ ଛଅ ମାସ ହେଲା ମୋ' ସାଥିରେ ସ୍ତ୍ରୀ ହୋଇ ରହିଛ। ଆଜି ଏମିତି ବଡ଼ିବଡ଼ି କଥା କହୁଛ କ'ଣ? ତୁମେ କ'ଣ ହୋସ୍‌ରେ ନାହଁ?

ଆଜି ତ ମୁଁ ପୁରାପୁରି ହୋସ୍‌କୁ ଆସିଯାଇଛି। ତୁମ ସହିତ ମୋର ଏତିକି ପରିଚୟଯେ ତୁମେ ମୋର ଅଫିସ୍‌ର ସୁପରଭାଇଜର। ଏବେ ମୋ' ଘରୁ ବାହାରିଯାଅ... ଅନୁ ବାହାରକୁ ହାତ ଦେଖାଇ କହିଲା।

ବେଇଜ୍ଜତ ଆଉ ରାଗରେ ରାମକୁମାରର ଦେହ ଲାଲ ପଡ଼ିଗଲା। ସେ ଗର୍ଜନତର୍ଜନ କରି କହିଲା– ମୁଁ ତତେ ସହଜରେ ଛାଡୁନି... ପୂରା ଅଫିସ୍ ଜାଣିଛି ସହରରେ ସବୁ ଲୋକ ଜାଣିଛନ୍ତି ଆମର ବାହାଘର ହେଇଛି। ମୁଁ ସବୁ ଲୋକଙ୍କୁ ଏକାଠି କରି ଆଣୁଛି।

: ମୋର କେହି କିଛି ବିଗାଡ଼ି ପାରିବେ ନାହିଁ। ତୁମ ପାଖରେ ମୋ' ସମ୍ପର୍କରେ ତୁମର ସ୍ତ୍ରୀ ବୋଲି କିଛି ବି ପ୍ରମାଣ ନାହିଁ। ତା'ଛଡ଼ା ଜଣେ ସରକାରୀ କର୍ମଚାରୀ ପ୍ରଥମ ସ୍ତ୍ରୀକୁ ଛାଡ଼ପତ୍ର ନ ଦେଇ ଦ୍ୱିତୀୟ ବିବାହ କରିପାରିବନି। ଏଥିପାଇଁ ତୁମେ ନିଜେ ମୋତେ ବିବାହ କରିଛ ବୋଲି ଡେଙ୍ଗୁରା ପିଟିଲେ ଫସିଯିବ। ଜେଲ୍‌ରେ ଘଣା ପେଲିବ। ଏଣୁ ଏସବୁ କିଛି ଦରକାର ନାହିଁ। ତୁମେ ସ୍ତ୍ରୀ ପିଲାଙ୍କ ପାଖକୁ ଫେରିଯାଅ।

ଅନୁର କଡ଼ା କଥାରେ ରାମକୁମାରର ପାଟି ଚୁପ୍ ହୋଇଗଲା।

ତା'ପାଖରେ ବାହାହେବାର ଫଟୋଟିଏ ବି ନ ଥିଲା, ଯାହାକୁ ସେ ପ୍ରମାଣ ସ୍ୱରୂପ ଦେଖାଇ ପାରିବ। ତାହାର ଫାଇଦା ଅନୁ ଉଠାଇଲା। ରାମକୁମାର ଚୁପ୍‌ଚାପ୍ ସେଠାରୁ ବାହାରିଗଲା।

ତା' ପରଦିନ ଯେତେବେଳେ ସେ ବ୍ୟାଙ୍କ୍‌ରେ ପହଞ୍ଚିଲା, ଏ କଥା ଜାଣି ତା'ର ହୋସ୍ ଉଡ଼ିଗଲା। ତା'ର ଜଏଣ୍ଟ ଆକାଉଣ୍ଟ ପୁରା ଖାଲି, ସେ ମୁଣ୍ଡକୁ ଧରି ସେଇଠି ବସିଗଲା।

ପାଗଳ ପରି ମୁଣ୍ଡର ବାଳ ଝିଙ୍କି ବିଳିବିଳେଇଲା– ଓଃ! ମୋର ଲୋଭ ମୋତେ ବରବାଦ୍ କରିଦେଲା। ଅନୁ ତା' ଟଙ୍କା ସହ ମୋର ବି ପାଞ୍ଚ ଲକ୍ଷ ଉଠାଇ ନେଇ ଚାଲିଗଲା। ଏବେ କ'ଣ କରିବି ମୁଁ?

ଛୋଟ ପିଲାଙ୍କ ଭଳି କଇଁକଇଁ ହୋଇ କାନ୍ଦିବାକୁ ଲାଗିଲା ରାମକୁମାର। ପ୍ରକୃତରେ ଅନ୍ୟପାଇଁ ଖୋଳିଥିବା ଗାତରେ ସେ ନିଜେ ପଡ଼ିଗଲା। ଅନୁ କୁମାରୀକୁ ମୋହରା ବନାଇ ସେ ତାକୁ ବ୍ୟବହାର କରିବାକୁ ଚାହିଁଥିଲା, ହେଲେ ନିଜେ ଏବେ ତା'ର ମୋହରା ବନିଗଲା।

– କନ୍ହେଇପୁର, ଖୋର୍ଦ୍ଧା

“A Poet is a nightingale, who sits in darkness and sings to cheer its own solitude with sweet sounds”- P. B. Shelly

ସୃଜନ-ସ୍ମୃତି

# ମୁଁ ଓ ମୋର କବିତା



କୃଷ୍ଣ କୁମାର ମହାନ୍ତି

ଅନ୍ଧାରରେ ବସି ନିଜ ନିଃସଙ୍ଗତାକୁ ଯିଏ ସୁନ୍ଦରତାରେ ସଜଉଥାଏ, ସେ ହେଉଛି କବି। ସେ ନିଜ ଛାଇକୁ ବି ଛାଡ଼ି ଦେଇଥାଏ। ଅନ୍ଧାରର କିଟ୍ କିଟ୍ ଭିତରେ ସେ ଥାଏ ଆତ୍ମଲୀନ ହୋଇ। ସତ୍ କବି ସେଇ, ଯେ ଅନ୍ଧାର ଭିତରେ ଥାଇ ବି ଏକ ଆଲୋକିତ ପୃଥିବୀ ତିଆରୁଥାଏ ଅନବରତ। ସାମାଜିକ ସ୍ୱୀକୃତି ବା ପରିଚୟର ବହୁ ଆଗରୁ କବିପଣଟିଏ ତାକୁ ମିଳିଥାଏ। କବି ହେବାକୁ ଚାହିଁ କେହି କବି ହୋଇପାରେନା କି କବି ହେବାର କୌଣସି ଗୁରୁ-ଶିଷ୍ୟ ପରମ୍ପରା ଥାଏନା। କବିପଣ ନେଇ ଜଣେ ଜନ୍ମ ହୋଇଥାଏ ଓ ପରେ କବିତା ନିଜେ ହାତ ଧରି ତାକୁ ରାସ୍ତା ଦେଖାଏ। ବାସ୍।

ମୁଁ ଭାବେ କବିତା ଲେଖିବା ବିଧିର ବିଧାନ। ଈଶ୍ୱରଦତ୍ତ ପ୍ରତିଭା ନ ଥିଲେ ପ୍ରୟାସ କରି କବି ବୋଲାଇ ପାରେ ଜଣେ, କିନ୍ତୁ ସମାଜ ଆଖିରେ ସେ କବି ହୋଇପାରେ ନାହିଁ କେବେ। ସାମାଜିକ ସ୍ୱୀକୃତି, କବି-ପରିଚୟ ଏବଂ ପ୍ରସିଦ୍ଧି ଓ ପୁରସ୍କାର କବି ଜୀବନର ଅଭୀପ୍ସା ନୁହଁ। ସେ ଅନ୍ୟ ଅନେକ କାରଣ ପାଇଁ କବି-ଜୀବନ ଲାଭ କରିଥାଏ। ମୋ' ଉପଲବ୍ଧିରୁ ମୁଁ କହିବି, କାହା ଆଖିରୁ ନିଗିଡ଼ି ଆସୁଥିବା ଦୁଇବୁନ୍ଦା ଲୁହ, ନିପଟ ଭଲପାଇବାରେ ନିଜକୁ ମରୁଭୂମି କରି ସାରିଥିବା ଗୋଟିଏ ନାରୀ / ଗୋଟିଏ ପୁରୁଷ, ପକ୍ଷୀର ଚଞ୍ଚୁରୁ ସ୍ୱପ୍ନ ସାଉଁଟି ଆଣି ଜଳାଶୟ ଭିତରେ ଜଳୁଥିବା ସୋରାଏ ଅଭିମାନ, ବିଧବା ଆକାଶ ପରି ଚେନାଏ ଦୁର୍ଭାଗ୍ୟକୁ ନେଇ ଜୀବନ ଜିଉଥିବା ଯୋଡ଼େ ପାଦ, ଭାତ ଓ ଭୋକର ଭଗ୍ନାଂଶ ଭିତରେ ଶଢ଼ୁଥିବା କଙ୍କାଳ ଦେହରେ ଜୀବନ ଭରୁଥିବା ଧାରେ ପ୍ରତିଶ୍ରୁତି, ଜନ୍ମ ହେବା ଆଗରୁ ମୃତ୍ୟୁ ଭୋଗୁଥିବା ସେଇ ନିଃଶବ୍ଦ ଦରୋଟି-ଏମିତି ଅନେକ କାରଣ ପାଇଁ କବି ବଞ୍ଚେ ଓ ବଞ୍ଚୁଥାଏ।

ନିଜକୁ ବିସ୍ମରି ନ ଦେଲେ ଜଣେ କେବେ କବିତା ଲେଖିପାରିବ ନାହିଁ। ପାର୍ଥିବ ମୋହକୁ ବିସର୍ଜ ଦେବା ପରେ ହିଁ କବିତାର ନିକଟତର ହୋଇପାରେ ଜଣେ। ଯେଯାଏଁ 'ମୁଁ' ଏବଂ 'ମୋ ସଂସାର' ସବୁଠୁ ବଡ଼ ଓ ତାତ୍ପର୍ଯ୍ୟପୂର୍ଣ୍ଣ ବୋଲି ଜଣେ ଭାବୁଥିବ, ସେଯାଏଁ କବିତାର ପାଖ ସେ ମାଡ଼ି ନ ଥିବ। ସୁତରାଂ ଅନେକ କିଛିକୁ ତ୍ୟାଗ କରି କବିତାକୁ ହାସଲ କରିବା କଥାଟିକୁ ଅସ୍ୱୀକାର କରିହେବନି।

ଉପେକ୍ଷିତ ହେବା, ଅଯୋଗ୍ୟ ଓ ଅଲୋଡ଼ା ବିବେଚିତ ହେବା, ଅନୁକମ୍ପା କି ସରାଗ ନ ପାଇବାର ନିୟତି ନେଇ ବଞ୍ଚୁଥିବା ମଣିଷଟି ବେଶ୍ ବୁଝି ସାରିଥାଏ ଯେ, ତା' ଭାଗ୍ୟରେ ଆଉ କିଛି ବଦଳିବାର ନାହିଁ। ତାକୁ କେହି ଅନେଇ ବସିବ ନାହିଁ, ତା' ଦୁଃଖକୁ କେହି ଆଉଁଶି ଦେବ ନାହିଁ, କ୍ଷତାକ୍ତ ତା' ଦେହରୁ ବୋହୁଥିବା ରକ୍ତକୁ ପୋଛି ଦେବା ପାଇଁ ପାଣିକାଚ ଭର୍ତ୍ତି ହାତ ଯୋଡ଼େ ପ୍ରସରି ଆସିବ ନାହିଁ, ମଶାଣିକୁ ଯିବାବେଳେ କେହି ଜଣେ ଦୌଡ଼ି ଆସି ନିସ୍ତେଜ ହାତମୁଠାରେ ଭରି ଦେବ ନାହିଁ ପୁରୁଣା ସ୍ମୃତି ସବୁକୁ, ପ୍ରତୀକ୍ଷାର ଲମ୍ବା ଧାନକିଆରି ପାଖରେ ଅଟକାଇ କେହି କହିବ ନାହିଁ ; ରୁହ ଟିକେ, ଏକା ସାଙ୍ଗରେ ପିଇବା ଆଜି ଏ ସବୁଜିମାକୁ ଏଠି!

ତଥାପି ବହୁତ କିଛି ପାଇଥାଏ କବି। ଏ ଯେଉଁ ଯନ୍ତ୍ରଣା, ଯେଉଁ ବିଷାଦ, ଝୁରି ମରିବା, ବ୍ୟର୍ଥତା: ଏ ଯେଉଁ ପାପ, ଯେଉଁ ଅଭିଶାପ, ଅନୁଶୋଚନା, ଛଳ: ଏସବୁ ହିଁ କବିର ପ୍ରାପ୍ତି। ମୁଁ ଯଦି ଆଜି ଏ ସବୁର ଅଧିକାରୀ ନୁହଁ, ତେବେ ମୁଁ ମୁଁ ନୁହଁ। ମୁଁ କବି ନୁହଁ। ଦିନେ ଆଉ ମୁଁ ନ ଥିବି ଜାଣି ମଧ୍ୟ, କବିତା ଲେଖାରୁ ମୁଁ କ'ଣ ଓହରି ଆସେ! କେହି କବି କ'ଣ ଓହରି ଆସି ପାରିଛି। ମୁଁ ନ ଥିଲେ ବି ଥିବେ ସେଇ ଶବ୍ଦମାନେ, ଯାହା ମାଧ୍ୟମରେ ମୁଁ ମୋର ରାଗ, ଅନୁରାଗ, ପ୍ରେମ, ଘୃଣା, ପାପପୁଣ୍ୟକୁ ବାଣ୍ଟି ପାରିଛି ସାରାକାଳ। କବି ଭାବରେ ଏହାଠାରୁ ବଡ଼ ପ୍ରାପ୍ତି ଆଉ କିଛି ନାହିଁ ମୋ' ପାଇଁ।

ଯେଉଁ ପ୍ରେମିକାଟି ମୋର ଏଇ ଶବ୍ଦଙ୍କୁ ନୂପୁର କରି ବ୍ୟାପିସାରିଛି ଦିଗ୍‌ବଳୟ, ଯାହାର ମୁଠାଏ ସ୍ୱର୍ଣ କେଉଁ ଏକ ଧୂ ଧୂ ଖରାବେଳଟାରେ ବର୍ଷେଇ ସାରିଛି ଅନାକଟ ବାରିପାତ, ଆଖିରୁ ଝରି ଆସୁଥିବା ଦୁଇଟୋପା ଲୁହକୁ ଯିଏ କରିସାରିଛି ଲାଲ୍‌ରଙ୍ଗର ଟୀକା, ସମୁଦ୍ର-ତଟ ସ୍ମୃତିକୁ ଯିଏ ବନେଇ ସାରିଛି ରାଧାତମାଳ, ସେ ଆସିଛି ଏଇ କବିତାରୁ। ଏ ମହାର୍ଘ ପ୍ରାପ୍ତି କୋଉ ପୁରସ୍କାର, କୋଉ ସାମାଜିକ ସ୍ୱୀକୃତିଠାରୁ ମୋ' ପାଇଁ ବଡ଼। ମୁଁ କଦାଚିତ୍ ଛଳନା କରିପାରିବି ନାହିଁ କବିତା ଦେଇଛି କ'ଣ ମୋତେ। ବାପାଙ୍କ ମୃତ୍ୟୁଶଯ୍ୟା ପାଖରେ ବସିଥିବା ବେଳେ ଆଖି ସାମ୍ନାରେ ବାପା ଚାଲିଯିବାର ଦୃଶ୍ୟ ଦେଖେଇଛି ଏ କବିତା। 'ମୃତ୍ୟୁ'ର ଶୀତଳ ଆଲିଙ୍ଗନର ଉଷ୍ମତା ଦେଇଛି ଏଇ କବିତା। ଏବେ ବି ମୋ' ପାଖରେ ଅଛି ବାପାଙ୍କ ମୃତ୍ୟୁ ଦିନ ଲେଖିଥିବା ସେ କବିତା- କେବେବି ପ୍ରକାଶିତ କରିବାର ଇଚ୍ଛାଟେ ହେଇନି ଏଯାଏଁ। ସେ କବିତା ମୋର। ମୋ' ପାଖରେ ରହିବ ଓ ମୋ' ସହ ମରିଯିବ। ମୃତ୍ୟୁକୁ ବୁଝିବାର ଏ ମାନସିକତା ଦେଇଛି କିଏ ? ଏଇ କବିତା।

ସତ କହିବି ତ, ପୃଷ୍ଠା ପରେ ପୃଷ୍ଠା ଭରିଯିବ କବିତାର ସ୍ୱୀକାରୋକ୍ତିରେ। କବିତାର ଓଁକାର ଧ୍ୱନିରୁ ଆରମ୍ଭ ହୁଏ ମୋର ଦିନ, ଶେଷହୁଏ ସେଇ କବିତାରେ। ସାମାଜିକ ସ୍ୱୀକୃତି କେତେ ପାଇଲି, ସେ ହିସାବ ମୋ' ପାଖରେ ନାହିଁ। ଆପଣମାନେ କରୁଥାନ୍ତୁ। ମୋତେ କେବଳ ଦରକାର କବିତା ଓ କବିତା। ମୁଁ କେବଳ ଏତିକି ହିଁ କହିବି: I desire you wearing a brightened darkness ମୁଁ ଖୋଜି ନେବି ସେଥିରୁ ସେଇ ଆଲୋକିତ ଶବ୍ଦମାନଙ୍କୁ, କେବେ ଦିନେ ସେଇମାନେ ହିଁ ମୋ' ସହିତ ପରଲୋକକୁ ଯିବେ।

**– ଫକୀରମୋହନ ନଗର, ବାଲେଶ୍ୱର**

ତୃତୀୟ ପୃଷ୍ଠାରୁ...

## ଦୂବଘାସ-୨

ସଭାକକ୍ଷରେ ୨ୟ ଅଧିବେଶନ ସରିଯାଇଥିଲା। ଟ୍ରେନ୍ ସମୟ ଥିଲା ତା'ପରଦିନ।

ଟୋଟୋ ଗାଡ଼ିରେ ବସି ପହଞ୍ଚିଥିଲା ଘୁଙ୍ଗୁର ଭୁବନ ଡଙ୍ଗାରେ। ସେ ବଜାରର ନାମ ଥିଲା ଭୁବନଡଙ୍ଗା। ଦୋକାନ ଦୋକାନ ବୁଲି... ସେ ବ୍ୟାଗ୍, କପଡ଼ା, କିଛି ମାଳି କିଣିଥିଲା।

ଆଦିବାସୀ ପଲ୍ଲୀରେ ବୁଲିଲାବେଳେ ଅସରନ୍ତି ଖୁସି ଥିଲା ତା' ମନରେ। ତା' ପରେ 'ଶିଶୁତୀର୍ଥ'କୁ ପାଦ ଛୁଇଁଲା ବେଳକୁ ଲୁହରେ ଗାଧୋଇ ଥିଲା ତା' ପ୍ରାଣ। କେମିତି ଭୁଲି ପାରିଥା'ନ୍ତା ସେ ବୋଉର କୋଳ, ଅଭିମାନର ସ୍ୱର। ଜେଜିମା'କୁ ସେଇଠି ଭେଟିଥିଲା ଓ ସୁଗନ୍ଧରାଜ ଫୁଲକୁ ବି ପ୍ରକୃତି ଭବନରେ।

ଶାନ୍ତିନିକେତନ ଦୂବଘାସ-୨ୟ ଭାଗ ଲେଖିବାର ପ୍ରେରଣା ଯୋଗେଇ ଦେଇଥିଲା। ବେଶୀ ଗୁରୁତ୍ୱପୂର୍ଣ୍ଣ ନ ଥିଲା ଦୂବଘାସ ଉପରେ ଲେଖିବା। ଧାନକ୍ଷେତ ଯେଉଁଠି ଅକାଳରେ ମୃତ୍ୟୁବରଣ କରୁଛି, ସେଠି ଦୂବଘାସର ପ୍ରୟୋଜନୀୟତା ଅତି ନଗଣ୍ୟ। ତଥାପି ନିଜ ନିଜ ପରିଚୟରେ ସେମାନେ ଅଛନ୍ତି।

ଧାନକ୍ଷେତକୁ ଦେଖି ଅଧୀର ହୋଇପଡ଼ିଲା ଘୁଙ୍ଗୁର। ଯଦି ସେ ଟଙ୍କା ଉଡ଼ିଯାଇ ପଡ଼ିଥିବ ଜମିରେ। କୃଷକର ମନ କେତେ ଉଲ୍ଲସିତ ହୋଇ ନ ଥିବ! ଟଙ୍କା ଫଳିଛି ଆଜି ଜମିରେ। ସେଇ ଟଙ୍କାରେ ବିହନ କିଣି ସେ ଫଳେଇଥିବ ଧାନ ତା' ଜମିରେ।

ଫେରିଆସିଥିଲୁ ଶାନ୍ତିନିକେତନରୁ। ଟ୍ରେନ୍ ଗଡ଼ି ଚାଲିଥିଲା। ପ୍ଲାଟ୍‌ଫର୍ମରେ କେତନକୁ ସେ ଖୋଜିଲା, ହେଲେ ପାଇଲା ନାହିଁ। କେତନର ଆଚାର ବ୍ୟବହାର ଆକୃଷ୍ଟ କରିଥିଲା ଘୁଙ୍ଗୁରକୁ। କେତନ ଆସିଲା ନାହିଁ। ଟ୍ରେନ ଗଡ଼ି ଚାଲିଥିଲା ଆଗକୁ ଆଗକୁ।

ସକାଳୁ ଉଠିଲା ବେଳକୁ ଘୁଙ୍ଗୁର ଦେଖିଲା



ସହର ବଦଳାଇ ଦେଇଥିଲା ତା'ର ଚେହେରା। ଆଜି ଗୋଟେ ନୂଆ ବେଶରେ ସେ ଠିଆ ହୋଇଥିଲା। ପୂର୍ବ ଦିନର ପରିପାଟୀ ନ ଥିଲା ତା' ଦେହରେ।

ସତରେ କ'ଣ ଏମିତି ବଦଳିଯାଏ ସହର। ତାକୁ କିଏ ବଦଳାଇ ଦିଏ ନା କେତନ ପରି କେହି ଜଣେ ଅଚିହ୍ନା ଆଗନ୍ତୁକ ତା' ହୃଦୟରେ ଆସିଲା ପରେ ସବୁ ବଦଳିଯିବା ପରି ଅନୁଭବ ହୁଏ।

ଧୀରେଧୀରେ ରୋମା ଉପରେ ସନ୍ଦେହ ଘନୀଭୂତ ହୁଏ ଘୁଙ୍ଗୁରର। ରୋମାର ଫୋନ୍ ନମ୍ବର ବ୍ୟତୀତ ଅନ୍ୟ କାହାର ଫୋନ୍ ନମ୍ବର ନ ଥିଲା ତା' ପାଖରେ।

ରୋମା କ'ଣ କେତନକୁ ଭଲ ପାଉଥିଲା କି? ଏଭଳି ଦ୍ୱନ୍ଦ୍ୱାତ୍ମକ ପ୍ରଶ୍ନ ମଧ୍ୟ ଆସିଥିଲା ଘୁଙ୍ଗୁର ମନରେ। ହ୍ୱାଟ୍‌ସଆପ୍‌ରେ ରୋମା ଅଛି। କେତନ ନିଶ୍ଚୟ ଥିବ। ବାରମ୍ବାର କେତନର ଫୋନ୍ ନମ୍ବର ଘୁଙ୍ଗୁର ମାଗିଥିଲେ ବି ରୋମା ଦେଇ ନ ଥିଲା। ତା'ହେଲେ ସେ କେତନର ଭଲ ପାଇବାକୁ ଜୟକରୁ।

ଗୋଟେ ପଟେ ଦୂବଘାସର ୨ୟ ଭାଗ, ଅନ୍ୟ ପଟେ ଧାନକ୍ଷେତର ଦୁଃଖ, ପୀଡ଼ା। କୃଷକର ଅଦିନରେ ଭାଙ୍ଗି ପଡୁଥିବା ସଂସାର।

କ'ଣ ପଚାରିଥା'ନ୍ତା ସେ କେତନକୁ। ଏ ପର୍ଯ୍ୟନ୍ତ ଭାବି ନାହିଁ ଘୁଙ୍ଗୁର। ତା' ବହି, ଫୋନ୍ ନମ୍ବର, ଇ-ମେଲ୍, ଠିକଣା ସବୁ ସେ କେତନକୁ ଦେଇଛି। ହେଲେ ଏତେସବୁ ଠିକଣା ପାଇସାରିବା ପରେ ସମ୍ପର୍କରେ ଏତେ ଜଡ଼ତା କାହିଁକି ? ଏ ପ୍ରଶ୍ନ ଘୁଙ୍ଗୁରକୁ କ୍ଷତବିକ୍ଷତ କରିଛି।

ଦୂବଘାସ ୨ୟ ଭାଗ ଲେଖିଲାବେଳେ ସେ ଭୁଲିଯାଇଛି ସବୁକଥା। ଯେମିତି ପ୍ରସବ ବେଦନା ସମୟରେ ଅନ୍ୟ କିଛି କଥା ମନେପଡ଼େ ନାହିଁ।

ଏ ସହରକୁ ପ୍ରବେଶ କଲା ପରେପରେ କେତେ ସୁନ୍ଦର ଥିଲା ଏ ସହର। ଆପଣାପଣ ବି ଥିଲା। କେତନର ହୃଦୟ ବଦଳିଯିବା କଥା। ନୀରବ ହୋଇଯିବା କଥା। ସହର ପିନ୍ଧିଥିବା ଛଦ୍ମମୁଖା ପରି ନୁହେଁ ତ!

କେତନକୁ କେତେ ବା ବୁଝିଛି ଘୁଙ୍ଗୁର। ସେ ଛୋଟ ପିଲାଟିଏ। ଲାଜକୁଳା। ତାକୁ ଦୋଷ ଦେଇ, କିଛି ଖରାପ ମନ୍ତବ୍ୟ ଦେଇ ଲାଭ ନାହିଁ। ସମୁଦ୍ର ଖୁବ୍ ସୁନ୍ଦର। କେବଳ ଉପଭୋଗ କରିହୁଏ ତା'ର ଅତି ନିକଟରେ ବସି। କିନ୍ତୁ ତାକୁ ସାଙ୍ଗରେ ଆଣି ହୁଏନି, କେବଳ ଅନୁଭବକୁ ସାଙ୍ଗରେ ଆଣିବା ଛଡ଼ା।

କେତନର ଅନୁଭବ ଘୁଙ୍ଗୁର ହୃଦୟରେ ଥାଉ ଧାନ କ୍ଷେତଟିଏ ହୋଇ। ସମସ୍ତଙ୍କ ହୃଦୟ ନିଶ୍ଚୟ ଜୟ କରିହେବ।

ଦୂବଘାସଟିଏ ହିଡ଼ କଡ଼େକଡ଼େ ନିଶ୍ଚୟ ଉଠିବ। ଘୁଙ୍ଗୁର ନିଶ୍ଚିନ୍ତ ଥିଲା। ଏହି ସମୟରେ ମୋବାଇଲ ରିଂ ହେଲା। ଘୁଙ୍ଗୁର ଦେଖିଲା ଏହି ନମ୍ବରଟି ଅପରିଚିତ। ସେ କେବେହେଲେ ଅଜଣା ନମ୍ବରରୁ ଆସିଥିବା କଲ୍‌କୁ ରିସିଭ୍ କରେ ନାହିଁ।

କାହିଁକି କେଜାଣି ? ସେ ନମ୍ବରକୁ ଦେଖିଲା ପରେ ଖୁବ୍ ଆପଣାର ଲାଗୁଥିଲା କେହି ଜଣେ!! •




# କଥାବାର୍ତ୍ତା

**କେଦାର ମିଶ୍ର**

ପଥର ଭିତରୁ ମୁଁ ତମକୁ ଡାକେ
ଡାକେ, ଶୁଖି ଆସୁଥିବା କାକରର ଅନ୍ତିମ ନିଃଶ୍ୱାସରୁ
ତମକୁ ଡାକେ ମୋର ପୃଥିବୀ
ମୋର ଝରଣା ଓ ଦୁଃଖ
ତମର ଶବ୍ଦରେ ଗାଢ଼ା ହୁଏ ମୋର ପତଳା ରକ୍ତ
ମୁଁ ଡାକେ, ତମକୁ ତମ ଅନ୍ତର ଭିତରୁ ।।

ମୁଁ ଅନ୍ଧାର ଭିତରେ ଶୋଇ ରହିଥିବା ସୂର୍ଯ୍ୟ ବୀଜ
ତମର ଗୋପନତମ ପାପରେ ଜଳୁଥିବା ଏକ ଦୀପାଳି
ତମ ଓଠର ସବୁଠୁ ସ୍ପର୍ଶକାତର ସିତ୍କାର ମୁଁ
ତମ ଅଥୟ ଡାକ ଭିତରର ପାଗଳ ଉଲ୍ଲାସ
ମୁଁ ତମର ଡାକ, ମୋ' ଲାଗି, ମୋର ଶେଷ ଶବ୍ଦ ଲାଗି ।।

ତମ ଓ ମୋ' ଭିତରେ ମିଳନର ଗୋଟେ ଅଦ୍ଭୁତ ରହସ୍ୟ ଅଛି
ସେ ରହସ୍ୟ ଭିତରେ ହର୍ ଋତୁ ଫୁଲ ଫୁଟୁଥିବା ଗୋଟେ
କଦମ୍ବ ଗଛ ଓ ଲହରେଇ ଲହରେଇ
ବିଷାଦ ଗାଉଥିବା ଗୋଟେ ବଂଶୀ
କିଏ କାହାକୁ ଡାକେ କେଜାଣି
ବଂଶୀ କଦମ୍ବକୁ ନା କଦମ୍ବ ବଂଶୀକୁ
ସବୁ ଡାକ କିନ୍ତୁ ତମର ଓ ମୋ' ଭିତରେ
ପରସ୍ପରକୁ ଚୁମା ଦେଇ ଫେରି ଆସୁଥାନ୍ତି ।।

ଆମର ଡାକ ବାରମ୍ବାର ଫେରି ଆସୁଥିବା ଚୁମ୍ବନର ଉଷ୍ମତା ।

ମୁଁ ତୁମକୁ ଅହରହ ଡାକିଛି ଜୀବନରେ
ଦିନେ କିନ୍ତୁ ତମକୁ ମୁଁ ମୋର ମରଣ ଭିତରୁ ଡାକିବି
ହୁଏତ ମୁଁ ମରଣର ଗୋଟେ ବଗିଚା ଗଢ଼ିଥିବି ଆକାଶରେ
ଓ ସେ ଆକାଶରୁ ମୁଁ ତୁମକୁ ଡାକିବି
ସେଦିନ, ମୁଁ ପଚାରିବି ମୋ ବିନା ପୃଥିବୀରେ
ଲାଲରଙ୍ଗ ଅଛି କି ନାହିଁ
ତମେ ମୋତେ କହିବ ମୁଁ ନ ଥିବାର ଦୀପାବଳିରେ
କେଉଁ ଦୀପ ପ୍ରଥମେ ଲିଭିଗଲା ଶୀତଳ ପବନର ଛୁଆଁରେ ।
ମୋର ଡାକ ତମ ଭିତରୁ ଶୁଭୁଥିବ, ତମରି ସ୍ୱରରେ ।।

**– ବିନୋଦିନୀ ନିବାସ, ୨୬୫/୧୭୩୬ ଏ**
**ଶାସ୍ତ୍ରୀନଗର, ୟୁନିଟ–୪, ଭୁବନେଶ୍ୱର**

# ଚିତ୍ରଲେଖାର ଶଂଖା

**ଶ୍ରୀଦେବ**

ଗୋଡ଼ ଲଂବେଇ, ଚିପୁଡ଼ା ଗାଲରେ
ହାତ ଠେସି ଅନେଇଥାଏ ବାଟକୁ ଅପଲକ
ଦିଗ୍‌ବଳୟ ପର୍ଯ୍ୟନ୍ତ...
କଣ୍ଟା ନ ଫୁଟୁ ତା' ଛୁଆଙ୍କ ପାଦ ପାପୁଲିରେ
ବେଉଷଣ ବୟସ ୟେ...
ସାପ ନ କାଟୁ ଗାଡ଼ିଆ ଘାଟେ
ତାଂକ କଅଁଳ କପାଳ ନ ଲେଖୁ କଳା କୁଂଚ
ଉଚ୍ଚ ଢିପ ହସ୍ତାକ୍ଷର, ଭବିଷ୍ୟତ ।

ଦୁଃଖ–ଦରଜକୁ ହେମାଳ ପବନ ନ ଛୁଉଁ
ଲୋମମୂଳ ଟାଂକୁରେଇ ଜନ୍ମ ନେଉ
ଶୁଭଲଗ୍ନ । ଦାଣ୍ଡ ଦୁଆର ନୂଆ ଠିକଣାରେ
ଚିତ୍ରଲେଖା ଛାପୁ ମୁର୍ଜପକା ଚୌରାର
ଛକିଶୂନ, ପାହାନ୍ତା ଯୌବନ ।

ଅଂଧାର ଛୁଇଁଲା ପୂର୍ବରୁ ଗାଁ ରାସ୍ତା
ଦୁଆରବଂଧ ଛୁଇଁ ସାରିଥାଆନ୍ତୁ ପିଲାଏ
ଡେଇଁପଡ଼ି ଦାଂଡଗୋହିରି ଏରୁଣ୍ଡି ଚୌକାଠ
ନିର୍ବିଘ୍ନରେ ସଂଧ୍ୟାର ପ୍ରାର୍ଥନା ହେଇ
ଓହ୍ଲାଇ ପଡ଼ନ୍ତୁ ଠାକୁରଘରେ
ତାଳ–ତାଳି, କୁବୁଜି–କଂସାଳ
ହେଉଥାଉ ହୁଲୁହୁଲୁ ଖଟ୍‌ଲୀର
ଈଶାଣ ଦେବତା, ଅଧାନିପା କାନ୍ଥ ।

ପାଚିଲା ବୟସ ମା'ର ।
ଏଇନା ଜଗିଥାଏ ରାଣୀ ମହୁମାଛି ଯେମିତି
ତା' ମହୁଫେଣା ଘର, ମୋତିଆବିନ୍ଦୁ ଆଖିରେ

ପାଦ ଖସଖସ ହେଲେ କାହାରି
ରଡ଼ି ଛାଡୁଥାଏ ମା'–
'ପୁଅ ଆସିଲାଣିଲୋ ଚିତ୍ରଲେଖା ! ଭାତ ବାଢ଼ ।'
ଏକ ଲୟ, ସଫା ସ୍ୱର, ସରଳ ଭ୍ରମରେ ହୃତ୍‌ପିଣ୍ଡ
କାଂଦୁଥାଏ ଉଠାଣି ବେଳେ, ଅଧରାତିରେ
ସରେନି ମା'ର ଅପେକ୍ଷା
ଓ ଲୁହ ଢଳଢଳ ନଈଦାଢ଼ ।
ସବୁ ମା' ଏମିତି, ଛୁଆ ପାଇଁ ।

ଆଖି ମୁଦୁ ନ ଥାଏ କେହି ବେଳେ । ସମୟକୁ
କହୁଣି ଭରାଦେଇ ଅନେଇଥାଏ
ଦୂରବାଟ, କ୍ରୋଶକ୍ରୋଶ, ସଂଜସକାଳ
ହଜିଥିବା ପୁଅକୁ, କାଳେ ଫେରୁଥାଇପାରେ
ବୈଶାଖୀ ତୋଫାନ, ନତୁବା ଫାଲ୍‌ଗୁନୀ
ବସନ୍ତ ହେଇ ଅନେକ ଦିନ ପରେ !

ହଁ, ଆଖି ମୁଦୁ ନ ଥାଏ ମାଆ ।
କେହି ବି ଦିଶୁ ନ ଥା'ନ୍ତି ତାକୁ...
ଚିତ୍ରଲେଖା ବୁଝିପାରେ
ମା' ଛାତି ତଳର ଚିରା ଛବି ଓ
କଫଛନ୍ଦା କଲିଜାର କଲବଲ
ଅଥଚ, ଫେରୁ ନ ଥାଏ ନିଜ ଲୋକଟି
ତାଟିମେଲା ଚିତ୍ରଲେଖାର ଅଗଣାକୁ
ରାତି ଆକାଶର ଉଲ୍‌କା ସେ
ଖସୁଥାଏ ପ୍ରତି ପ୍ରହରର
ଶୂନ୍ୟ ଆଂଜୁଳାକୁ ।

**– ସଂପାଦକ: ଚନ୍ଦ୍ରଭାଗା, ବାଲେଶ୍ୱର**

# ସୀମା

**ଜ୍ୟୋସ୍ନା ରାଣୀ ପଣ୍ଡା**

ଜହ୍ନକୁ ମାଗିଲି
ଆଞ୍ଜୁଳେ ଜ୍ୟୋସ୍ନା
ଲୁଚିଗଲା ସିଏ
ବଉଦ ଫାଙ୍କରେ

ଶିଶିରକୁ କହିଲି
ମୁଠାଏ କାକର
ବିଞ୍ଚି ଦିଅ ମୋ
ହୃଦୟ ମରୁରେ
ହଜିଗଲା ସିଏ
ବସୁଧା କୋଳରେ ।

ବସନ୍ତକୁ ମାଗିଲି
ମୁଠାଏ ଚୈତାଳୀ
ସ୍ମିତ ହସି କହିଲା
ସବୁକଥାରେ ସମୟର
ସୀମା ଥାଏ ।

ହାତଠାରି ମରଣକୁ
ପାଖକୁ ଡାକିଲି
ସେ କହିଲା, ମୁଁ ଧୋକା ଦେବିନି
ନିଶ୍ଚୟ ଆସିବି
ସମୟ ଆସିନି ।

– ରାମହରି ନଗର–୨
ବ୍ରହ୍ମପୁର–୧

# ନିଜକୁ ଜାଣିଲା ପରେ

**ଅନସୂୟା ପଣ୍ଡା**

ଥକି ପଡ଼ିଥିବା ମନ ଚେତି ଉଠେ
ଆଶା–ବର୍ଷାର ସୂଚନାରେ,
ଅନ୍ଧାର ଭିତରୁ ଆଲୁଅକୁ ସାଉଁଟି ଆଣିବାକୁ ଯାଇ
ଦ୍ୱାରସ୍ଥ ହୁଏ ତୁମ ଅପହଡ଼ ଦରଜାରେ...
ନିଜ ଆପଣାତ୍ୱ ଜାହିର କରିବାକୁ,
ତୁମ ବିରୁଦ୍ଧରେ ଅନେକ ଅନେକ
ଇସ୍ତାହାର ପାଠ କରିବାକୁ ସଜ ହୁଏ ।

ହେଲେ, ତୁମ ସହ ଭେଟ ହେଲା ପରେ
କେମିତି ପାସୋରିଯାଏ ନିଜକୁ
ନିଜର, ତୁମ ବିରୁଦ୍ଧରେ ଥିବା ଅସଂଖ୍ୟ ଅଳିକୁ
ଅବ୍ୟକ୍ତ ଏକ ରୋମାଞ୍ଚ ଖେଳିଯାଏ ନିଜ ଭିତରେ
ସବୁ ଇଚ୍ଛା ନୁହେଁ, ନିତାନ୍ତ ଗରଜ ପୂରଣ ହିଁ
ମୋ' ପ୍ରଥମ ମାଗୁଣି ହୋଇଯାଏ ।

ତୁମକୁ ବିଲ୍‌କୁଲ୍ ତୁମ ପରି ଗ୍ରହଣ କରିବାରେ ହିଁ
ଆମ ସଂପର୍କ ମଧୁର, ଖୁବ୍ ମଧୁର
ହୋଇଯିବ, ବୁଝିଯାଏ ।
ସବୁବେଳେ ସବୁଥିରେ ଭଲ ଦେଖିଲେ,
ସୁଖ, ଶାନ୍ତି ଓ ହାତପାହାନ୍ତାରେ...

ଅନେକ ମୋର ମୋର ଭିଡ଼ ଭିତରେ
ନିଜ ପାଇଁ କିଛି ମାଗିବାକୁ ଗଲାବେଳେ,
ଗୌଣ ହୋଇଯାଏ ମାଗିବାଟା
ନିଜକୁ ଜାଣିଲା ପରେ,
ନିଜକୁ ପ୍ରମାଣ କରିବା କି ଦରକାର ?
ପ୍ରତ୍ୟାଶା ନ ରହିଲେ କି ଲୋଡ଼ା ହିସାବ କିତାବର ?

**– କାର୍ଡଗୁଡ଼ି, ବାଙ୍ଗାଲୋର**

## ଗୀତି–କବିତା

# ନିଆଁ

**ପ୍ରକାଶ କୁମାର ଚାନ୍ଦ**

ନିଦାଘ ଜଳାଏ ପଳାଶ ଫୁଲକୁ
ନିଆଁ ତ ଜାଳଇ ବନ,
ଜହ୍ନର ପ୍ରେମରେ କଇଁ ଜଳୁଥାଏ
ବିରହରେ ଜଳେ ମନ ।।୦।।

ବଉଳକୁ ଜାଳେ କୁହୁଡ଼ିର ନିଆଁ
ସ୍ମୃତି ନିଆଁ ହୃଦ ଜାଳେ,
ଭଲପାଇବାର ଜଳନ୍ତା ନିଆଁରେ
କିଏ ସେ କୁହୁଳି ଜଳେ ।
ଭାରି ଭୟଙ୍କର ଭୋକର ନିଆଁଟି
ଆତୁର ହୁଅଇ ପ୍ରାଣ ।।୧।।

ଅତି ମାରାତ୍ମକ ସନ୍ଦେହ ନିଆଁଟି
ସମ୍ପର୍କେ ପଡ଼ଇ ଫାଟ,
ପତଙ୍ଗ ଜଳଇ ପ୍ରଦୀପ ଶିଖାରେ
ହୋଇ ଆହାଃ, ଛଟପଟ ।
ଦୁଇଟି ଅକ୍ଷର ନାଆଁ ସିନା ତାର
କାମ କେତେ ଆନଆନ ।।୨।।

**– ଜୟପୁର ଶାସନ, ପିପିଲି, ପୁରୀ**



# ନିଲି ଅପାକୁ ଭୁଲିପାରି ନାହିଁ...




ବରପାଲି କଲେଜରେ ପ୍ରକାଶ ପାଉଥିବା ପ୍ରାଚୀର ସାହିତ୍ୟ ପତ୍ରିକା 'ବାସନ୍ତୀ'ର ପ୍ରତିଟି ସଂଖ୍ୟାକୁ ମନ ଲଗାଇ ପଢ଼େ। କଲେଜ ପାଖ ମାଗାଜିନ୍ ଷ୍ଟଲ୍‌ରୁ ବିଭିନ୍ନ ପତ୍ରପତ୍ରିକା କିଣି ଆଣି ଘରେ ପଢ଼େ। ଏହି ପଢ଼ିବା ଅଭ୍ୟାସ ହିଁ ଲେଖାଲେଖି ପ୍ରତି ମୋ' ମନ ଭିତରେ ଆଗ୍ରହ ସୃଷ୍ଟି କରେ। ପ୍ରଥମେ ପ୍ରଥମେ ରଫ୍‌ଖାତାରେ ଗପ, କବିତା ଲେଖିବାକୁ ପ୍ରୟାସ କରେ। କିନ୍ତୁ କୌଣସି ପତ୍ରିକାକୁ ପ୍ରକାଶ ପାଇଁ ପଠାଏ ନାହିଁ କି ସଂକୋଚରେ କାହାକୁ ଦେଖାଏ ନାହିଁ। କଲେଜରେ ପଢ଼ିବାର ଗୋଟିଏ ବର୍ଷ ଭିତରେ ମୁଁ ଆହୁରି ଅଧିକ ସାହିତ୍ୟମନସ୍କ ହୋଇ ଯାଇଥାଏ।

ହଠାତ୍ ଦିନେ ଦେଖିଲି ନୋଟିସ୍ ବୋର୍ଡରେ କଲେଜର ବାର୍ଷିକ ମୁଖପତ୍ର 'ଉଦୟନ' ପାଇଁ ଛାତ୍ରୀଛାତ୍ରମାନଙ୍କଠାରୁ ଲେଖା ଆହ୍ୱାନ କରାଯାଇଛି। 'ଉଦୟନ'ର ସଂପାଦନା ଦାୟିତ୍ୱରେ ଥାଆନ୍ତି ମଣୀନ୍ଦ୍ର(ମେହେର) ସାର୍। 'ଉଦୟନ'କୁ ମୋର ଏକ କ୍ଷୁଦ୍ର ଗଳ୍ପ ଦେବାକୁ ମନସ୍ଥ କଲି। ହେଲେ ସାର୍‌ଙ୍କୁ ଦେବାକୁ ସାହସ କରୁ ନ ଥାଏ। କାରଣ ମୋ' ଭଳି ଯୁକ୍ତ ଦୁଇ ପ୍ରଥମ ବର୍ଷର ଜଣେ ଛାତ୍ରର ଗଳ୍ପ କ'ଣ କଲେଜ ମାଗାଜିନ୍‌ରେ ପ୍ରକାଶିତ ହେବ? ମୋର କ'ଣ ଗପ ଲେଖିବାର ଯୋଗ୍ୟତା ହେଲାଣି? ଏମିତି ଅନେକ ପ୍ରଶ୍ନ ମୋ' ମନ ଭିତରେ ଆନ୍ଦୋଳିତ ହେଉଥାଏ। ତଥାପି ସାହସ ଜୁଟାଇଲି। କିଛି ଦିନ ପୂର୍ବରୁ ଲେଖିଥିବା 'ନିଲି ଅପା' ଶୀର୍ଷକ ଏକ ଗଳ୍ପକୁ ପରିଷ୍କାର କାଗଜରେ ଲେଖି ଦିନେ ମଣୀନ୍ଦ୍ର ସାର୍‌ଙ୍କ ପାଖକୁ ଗଲି। ଆଉ ଥରିଲା ଥରିଲା ହାତରେ ଗଳ୍ପଟିକୁ ସାର୍‌ଙ୍କୁ ବଢ଼ାଇ ଦେଲି। ''ସାର୍ 'ଉଦୟନ' ପାଇଁ ମୁଁ ଗୋଟିଏ ଗଳ୍ପ ଲେଖିଛି''– ସଂକୋଚରେ କହିଲି। ''ତମେ କ'ଣ ଗପ ଲେଖ?'' ସାର୍ ଏକ ପ୍ରଶ୍ନିଳ ଦୃଷ୍ଟିରେ ମୋତେ ଅନାଇଲେ। ''ସାର୍! ପ୍ରଥମ ଥର ଲେଖିଛି। କିଛି ଭୁଲ ଥିଲେ ସଂଶୋଧନ କରିଦେବେ''– ଭୟ ମିଶ୍ରିତ ସ୍ୱରରେ କହିଲି। ଏତିକି କହି ମୁଁ ସାର୍‌ଙ୍କ ପାଖରୁ ଚାଲି ଆସିଲି।

ଦିନେ ଦୁଇ ଦିନ ପରର ଘଟଣା। ସାର୍ କ୍ଲାସ୍ ସାରି ଫେରୁଥାନ୍ତି କମନ୍‌ରୁମ୍‌କୁ। ହଠାତ୍ କଲେଜ କ୍ୟାମ୍ପସ୍‌ର କୃଷ୍ଣଚୂଡ଼ା ଗଛମୂଳେ ତାଙ୍କ ସହିତ ଦେଖାହେଲା। ''ସାର୍ ନମସ୍କାର!'' ମୁଁ ନମ୍ର ଭାବରେ କହିଲି। ''ସୁଶୀଳ! ତୁମ ସହିତ ଟିକେ ତମ ଗପ ବିଷୟରେ କଥା ହେବାର ଥିଲା'' ପ୍ରତି ନମସ୍କାର ଜଣାଇ ସାର୍ କହିଲେ। ''କ'ଣ କହୁନାହାନ୍ତି ସାର୍''– ମୁଁ ଭୟ ମିଶ୍ରିତ ସ୍ୱରରେ କହିଲି। ''ସତରେ ତମେ କ'ଣ ସେଇ ଗପଟି ଲେଖିଛ?'' ସାର୍ ମୋତେ ସନ୍ଦେହ ଦୃଷ୍ଟିରେ ପ୍ରଶ୍ନ କଲେ। ''ହଁ, ମୁଁ ଲେଖିଛି। କ'ଣ ଭୁଲ ହୋଇଛି କି ସାର୍!'' ମୁଁ ଭୟଭୀତ ହୋଇ କହିଲି। ''ନା! ନା! ସେମିତି କିଛି ନୁହେଁ। ଠିକ୍ ଅଛି, ଏହାର ରଫ୍ କପିଟା ଆଣିକି ମୋତେ ଦେଖାଇବ'' ସାର୍ ପୁଣି କହିଲେ। ''ସାର୍, ଆପଣ ରଫ୍ କପି ଚିହ୍ନି ପାରିବେ ନାହିଁ। ଅତି କଦର୍ଯ୍ୟ ଅକ୍ଷର ହୋଇଛି।'' ମୁଁ ସ୍ପଷ୍ଟ ଭାବରେ କହିଲି। ''ନା! କିଛି ଅସୁବିଧା ନାହିଁ। ମୋତେ ଆଣି ଦେଖାଇବ'' ଏତିକି କହି ସାର୍ କମନ୍‌ରୁମ୍ ଆଡ଼େ ଚାଲିଗଲେ।

ତା'ପରଦିନ ଗପର ରଫ୍ କପିଟି ନେଇ ସାର୍‌ଙ୍କୁ ଦେଖାଇଲି। ରଫ୍ କପିଟି ମୋଠୁ ନେଇ ସାର୍ କ୍ଲାସ୍‌କୁ ଚାଲିଗଲେ। ତା'ପରେ ସାର୍ ମୋତେ ଗପ ସଂପର୍କରେ ଆଉ କୌଣସି ପ୍ରଶ୍ନ ପଚାରି ନାହାନ୍ତି କିମ୍ବା ମୁଁ ସାର୍‌ଙ୍କୁ ମୋ' ଗପ ମନୋନୀତ ହୋଇଛି କି ନାହିଁ ପଚାରିବାକୁ ସାହସ କରିପାରିନାହିଁ। ଏ ଭିତରେ ଆସି ଯାଇଥାଏ ଖରାଛୁଟି। ମୁଁ ମୋର ଗପ କଥା ଭୁଲି ଯାଇଥିଲି। କାରଣ ମୋର ଆଦୌ ବିଶ୍ୱାସ ନ ଥିଲା ଯେ, ମୋ' ଗପ କଲେଜ ମାଗାଜିନ୍‌ରେ ବାହାରିବ। ଖରାଛୁଟି ପରେ ଖୋଲିଲା କଲେଜ। ଦିନେ ହଠାତ୍ ମୋର ଜଣେ ସାଙ୍ଗ ହାତରେ ସାର୍ ମୋତେ ଡକାଇ ପଠାଇଲେ। ମୁଁ ସାର୍‌ଙ୍କ ପାଖକୁ ଗଲି। ସାର୍ ମୋ' ହାତକୁ 'ଉଦୟନ'ର ଏକ ନୂଆ ସୁଦୃଶ୍ୟ ସଂଖ୍ୟା ବଢ଼ାଇ ଦେଇ କହିଲେ– 'ତମ ଗପ ବାହାରିଛି'। ସେତେବେଳେ ମୁଁ ନିଜକୁ ନିଜେ ବିଶ୍ୱାସ କରିପାରିଲି ନାହିଁ। ସେଇ ଦିନର ସେଇ ଆନନ୍ଦମୟ ମୁହୂର୍ତ୍ତ ଅବର୍ଣ୍ଣନୀୟ, ଅବିସ୍ମରଣୀୟ। 'ଉଦୟନ'ରେ ପ୍ରକାଶିତ 'ନିଲି ଅପା' ଗପ ଥିଲା ମୋର ପ୍ରଥମ ପ୍ରକାଶିତ ଲେଖା। ଘରକୁ ଆସି ବାରମ୍ବାର ମୁଁ 'ଉଦୟନ'ର ପୃଷ୍ଠାକୁ ଓଲଟାଇଛି। ବାରମ୍ବାର ମୋ' ନାଁଟିକୁ ଦେଖିଛି। ଗପଟିକୁ ପଢ଼ିଛି।




ସୁଶୀଳ କୁମାର ବାଗ୍

ସୁଶୀଳ କୁମାର ବାଗ୍‌ଙ୍କ ଜନ୍ମ ୧୯୭୬ରେ, ବରଗଡ଼ ଜିଲା ବରପାଲି ନିକଟ ଲେଣ୍ଡା ଗାଁରେ। ବୃତ୍ତି ସାମ୍ବାଦିକତା, ହେଲେ କୈଶୋରରୁ ରୁଚି ସୃଜନଶୀଳ ସାହିତ୍ୟରେ। ପ୍ରକାଶିତ ଗଳ୍ପଗ୍ରନ୍ଥ: 'ବସୁଧାର ବାସ୍ନା'(୨୦୧୪)। ଗଳ୍ପ ରଚନାରେ ଅନନ୍ୟତା ପାଇଁ ୧୯୯୯ରେ ପାଇଛନ୍ତି 'କଥା' ନବ ପ୍ରତିଭା ପୁରସ୍କାର।




## ଯେତିକି ଦୃଶ୍ୟ ହୁଏ

**ଲେଖକ: ନୀଳାଦ୍ରିଭୂଷଣ ହରିଚନ୍ଦନ**
**ପ୍ରକାଶକ: ନବଦିଗନ୍ତ, ବିନୋଦବିହାରୀ, କଟକ-୨**
**ପ୍ରଥମ ପ୍ରକାଶ: ୨୦୧୮, ମୂଲ୍ୟ: ଟ.୨୯୫/-**




ବହିଟିରେ ଚାରୋଟି ପୂର୍ଣ୍ଣାଙ୍ଗ ନାଟକ ଓ ପାଞ୍ଚଟି ଛୋଟ ନାଟକ ସଂକଳିତ। ନାଟକଗୁଡ଼ିକ ମଧ୍ୟରୁ କେତୋଟି ଦେଶ ଓ ରାଜ୍ୟର ନାନା ସମସ୍ୟାକୁ ନେଇ ଲିଖିତ ଏବଂ ଆଉ କେତୋଟି ପାରିବାରିକ ଓ ମନସ୍ତାତ୍ତ୍ୱିକ ସମସ୍ୟାକୁ ନେଇ ପରିକଳ୍ପିତ। ବଡ଼ ନାଟକ ଚାରୋଟି ହେଲା– 'ମୃତ୍ୟୁମୁଖୀ ଶୋଭାଯାତ୍ରାରୁ', 'ଯେତିକି ଦୃଶ୍ୟ ହୁଏ', 'ଏ ମାଟିର ଅମୃତଧାରା' ଓ 'ଅପସୃତ ଅନ୍ଧକାର'। ଛୋଟ ନାଟକ ପାଞ୍ଚଟିର ଶୀର୍ଷକ– 'ପୁଣ୍ୟଭୂମିର ଧୂଳି', 'ଯେ ଆକାଶେ ପକ୍ଷୀ ଉଡ଼େ ନାହିଁ', 'ଭିଟାମାଟି', 'ଶେଷ ଦୃଶ୍ୟ ପରେ' ଓ 'ରାଜଧାନୀରେ ମହିଳା ସମାବେଶ'। ନାଟକଗୁଡ଼ିକର ବିଷୟ ପରିକଳ୍ପନା ଓ ସଂଳାପଗୁଡ଼ିକୁ ଲକ୍ଷ୍ୟକଲେ ମନେହୁଏ, ସବୁଯାକ ନାଟକ କେବଳ ମଞ୍ଚ ଉପଯୋଗୀ ନୁହନ୍ତି, ଏକାନ୍ତ ପଠନଧର୍ମୀ ବି। 'ଅପସୃତ ଅନ୍ଧକାର' ନାଟକରେ ଅମିତା ଓ ମମତାଙ୍କର କଥୋପକଥନ, 'ଭିଟାମାଟି' ନାଟକରେ ସର୍ଦ୍ଦାର ଓ ସଞ୍ଜୀୟଙ୍କ ମଧ୍ୟରେ ଜବାବସୁଆଲ ଯେପରି ଅକୃତ୍ରିମ, ସେହିପରି ହୃଦୟସ୍ପର୍ଶୀ। ନାଟକଗୁଡ଼ିକର ଅନ୍ତଃକରଣରେ କବିତାର ପ୍ରଚ୍ଛନ୍ନ ଝରଟିଏ ସତେ ଯେପରି ଝରିଯାଇଛି ଗଦ୍ୟର କର୍କଶତାକୁ ଭେଦକରି, ମନେହୁଏ ସେପରି।

## ଶୀତରାତିର କୌତୁକ

**ଲେଖିକା: ଚିରଶ୍ରୀ ଇନ୍ଦ୍ରସିଂ**
**ପ୍ରକାଶକ: ପଶ୍ଚିମା ପବ୍ଲିକେଶନ୍ସ, ନୟାପଲ୍ଲୀ, ଭୁବନେଶ୍ୱର**
**ପ୍ରଥମ ପ୍ରକାଶ: ୨୦୧୯, ମୂଲ୍ୟ: ଟ.୧୨୦/-**

ଚିରଶ୍ରୀ ଯେ ଖାଲି କଥାକାର ନୁହନ୍ତି; କବିକବି-କଥାକାର, ଏ କଥା ''ଶୀତରାତିର କୌତୁକ'' ପଢ଼ିଲେ ଜଣାପଡ଼େ। ଏଥିରେ ୧୦ଟି ଗପ, ଯାହାକୁ ଲେଖିକା ଭିନ୍ନଭିନ୍ନ ଅବକାଶରେ ଲେଖିଛନ୍ତି। ତାଙ୍କ ମତରେ ଓହଳ ଗହଳରେ ମୂଳ ମିଳୁ ନ ଥିବା ବରଗଛ ହେଉଛି 'ଗପ', ପୁଣି ଏ ଗପସବୁକୁ ସେ ଲେଖିକା ଭାବେ ବର୍ଷବର୍ଷ ଧରି ଭୋଗନ୍ତି। ତାଙ୍କର ବିଶ୍ୱାସ ଯେ ଗପ ଲେଖି ନିଶ୍ଚୟ ବଦଳେଇ ଦେଇ ହେବ ମଣିଷର ଜୀବନ, ଅଳ୍ପ ହେଉ ବା ବେଶି। 'ଗଳ୍ପ' ସମ୍ପର୍କରେ ଲେଖିକାଙ୍କର ଏହି ତିନୋଟିଯାକ ସ୍ୱୀକାରୋକ୍ତିର ସାକ୍ଷୀ ହେଉଛନ୍ତି ଗ୍ରନ୍ଥରେ ଥିବା ୧୦ଟିଯାକ ଗପ। 'ଶୀତରାତିର କୌତୁକ', 'ମଡ଼ାଚଣ୍ଡିଆ', 'ବେଲାଲସେନ', 'ଶାଶୁଘର ଗାଁ', 'ଏଇଠୁ ଆରମ୍ଭ' ଓ 'ମାଟି' ପ୍ରଭୃତି ଗଳ୍ପରେ ଚିତ୍ରିତ ଚରିତ୍ରମାନେ ଲେଖିକାଙ୍କ ଜୀବନଦୃଷ୍ଟିର ବ୍ୟାପକତାକୁ ସୂଚାନ୍ତି। କଥାର ପାଟ ମଝିରେ କେରାଏ କାଶତଣ୍ଡୀ ପରି ଦୋହଲୁଥାଏ ଲେଖିକାଙ୍କ ଅର୍ଦ୍ଧ-ଉହ୍ୟ କବିତ୍ୱ, ଯେମିତି ଏଇ ଧାଡ଼ିଟି– ''ଉପାସ ପେଟ, ରାତି ଉଜାଗର, ସ୍ତ୍ରୀଙ୍କର କଟୁବଚନ ଏ ସବୁରେ ଅନଭ୍ୟସ୍ତ ସାର୍‌ଙ୍କ ସ୍ନାୟୁତନ୍ତ୍ରୀ ଆଷାଢ଼ମାସିଆ ଓଦାଚୁଲି ପରି କୁହୁଳି କୁହୁଳି ଧୂଆଁ ଛାଡୁଥିଲା'' ('ଭିତର କଥା'-ପୃ:୧୦୯-୧୧୦)। ଗପଟି ସରିଯାଏ, କିନ୍ତୁ ଚିରଶ୍ରୀ ଆଙ୍କିଥିବା ବିଘ୍ନରାଜ ସାର୍‌ଙ୍କ ଛବିଟି ପାଠକର ସ୍ମୃତିରେ ଲାଖି ରହେ।




## ବାକିଥିବା ପାଦଚିହ୍ନ


**କବି: ଅରୁଣ କୁମାର ସାହୁ**
**ପ୍ରକାଶକ: ପକ୍ଷୀଘର ପ୍ରକାଶନୀ, ଭୁବନେଶ୍ୱର-୧**
**ପ୍ରଥମ ପ୍ରକାଶ: ୨୦୧୯, ମୂଲ୍ୟ: ଟ.୧୮୦/-**




ପ୍ରଖ୍ୟାତ କଥାକାର, ଶବ୍ଦଯୋଗୀ ମନୋଜ ଦାସଙ୍କର ଗଳ୍ପ ଓ ଉପନ୍ୟାସକୁ ଭିତ୍ତିକରି ୨୬ଟି ବିରଳ କବିତା ଲେଖିଛନ୍ତି କବି ଅରୁଣ କୁମାର ସାହୁ, ଯାହାକୁ ମନଦେଇ ପଢ଼ିବସିଲେ ସଂସାରର ଆଉସବୁ କଥା ଭୁଲିଯାଏ ପାଠକ। ଗ୍ରନ୍ଥାରମ୍ଭରେ ''କବିତାରେ ଯାହା କହିପାରିଲି ନାହିଁ'' ଶୀର୍ଷକ ଗଦ୍ୟ ରଚନାଟି ଯଦିଓ ଗ୍ରନ୍ଥର 'ଅବତରଣିକା' କିନ୍ତୁ ଏହା କେବଳ ସେତିକି ନୁହେଁ, ଗ୍ରନ୍ଥର କବିତାଗୁଡ଼ିକ ଭିତରକୁ ଯିବାର ବିଧିବଦ୍ଧ ଅନୁମତିପତ୍ର। ମନୋଜଙ୍କ ସମ୍ପର୍କରେ ଅରୁଣ ଲେଖିଛନ୍ତି: ''ତାଙ୍କର ଲେଖା ପଢ଼ିସାରିବା ପରେ ପୃଥିବୀର ଯେକୌଣସି ବିଦେଶୀ ଭାରତକୁ ଭଲ ପାଇବା ଆରମ୍ଭ କରେ। x x ସେଥିପାଇଁ ତାଙ୍କୁ ଦେଖିଲେ ଅନେକ ଭାବ ମୁଁ ଏକ ସମୟରେ ଅନୁଭବ କରେ।'' 'ଲକ୍ଷ୍ମୀର ଅଭିସାର'ଠୁଁ 'ସମୁଦ୍ରର କ୍ଷୁଧା'ଯାଏ– ମନୋଜଙ୍କ କାଳଜୟୀ କଥାକୃତିକୁ ଯେଉଁ ସଶ୍ରଦ୍ଧ ଓ ଲଳିତ ଫେରି ଚାହିଁବା କବିତାଗୁଡ଼ିକର ଛତ୍ରେଛତ୍ରେ, ତାହା ପାଠକଙ୍କୁ ଅଭିଭୂତ କରେ। ଲାଗେ, ମନୋଜଙ୍କୁ ନ ପଢ଼ି 'ବାକିଥିବା ପାଦଚିହ୍ନ'କୁ ପଢ଼ିଦେଲେ ମନୋଜଙ୍କ ରଚନାର ସମସ୍ତ ପ୍ରସାଦ ଯେମିତି ପ୍ରାପ୍ତ ହୋଇଯିବ।

## ଜଳୁଥିବା ଫୁଲ ବଗିଚା

**ମୂଳ ତେଲୁଗୁ: ସୟଦ ସଲୀମ**
**ଅନୁବାଦ: ଗୌରଚନ୍ଦ୍ର ପଣ୍ଡା**
**ପ୍ରକାଶକ: ଜ୍ଞାନଯୁଗ ପବ୍ଲିକେଶନ, ଭୁବନେଶ୍ୱର**
**ପ୍ରଥମ ପ୍ରକାଶ: ୨୦୧୮, ମୂଲ୍ୟ: ଟ.୧୮୦/-**




ଆଲୋଚ୍ୟ ଅନୁବାଦ ପୁସ୍ତକଟି କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଏକ ବହୁପଠିତ ତେଲୁଗୁ ଉପନ୍ୟାସ। ଅନୁବାଦକ ଶ୍ରୀ ପଣ୍ଡାଙ୍କର ମୂଳ ତେଲୁଗୁ ଭାଷାରେ ପ୍ରବେଶ ଥିବାରୁ ଉପନ୍ୟାସଟି ମୂଳ ରଚନାର ସ୍ୱାଦ ଆଣି ଦେଇପାରିଛି ଓଡ଼ିଆ ପାଠିକାପାଠକଙ୍କ ମଧ୍ୟରେ। 'ଜଳୁଥିବା ଫୁଲ ବଗିଚା'ର ଭାଷା ତେଲେଙ୍ଗାନାର କଥିତ ତେଲୁଗୁ ଭାଷା ହେବା ସତ୍ତ୍ୱେ ଏହାର ସ୍ଥାନ, କାଳ, ପାତ୍ର ଉପକୂଳ ଆନ୍ଧ୍ରପ୍ରଦେଶର। ଏଡ୍‌ସ ପରି ଭୟଙ୍କର ସର୍ବଗ୍ରାସୀ ରୋଗର ପ୍ରେକ୍ଷାପଟରେ ମଣିଷର ଅପରିଣାମଦର୍ଶୀ ଚାରିତ୍ରିକ ବିଶୃଙ୍ଖଳାକୁ ସଲୀମ ଅତି ପ୍ରାଣୋଚ୍ଛଳ ଭାଷାରେ ତୋଳିଧରି ସମାଜକୁ ଦିଗ୍‌ଦର୍ଶନ ଦେବାର ଯେଉଁ କଳାତ୍ମକ ଉଦ୍ୟମ ଉପନ୍ୟାସଟିରେ କରିଛନ୍ତି, ଅନୁବାଦକ ବହୁ ଶ୍ରମ ଓ ସାଧନା ବିନିମୟରେ ତାକୁ ଓଡ଼ିଆ ଭାଷାରେ ଅବିକଳ ରୂପାୟିତ କରିବାର ଉଦ୍ୟମ କରିଛନ୍ତି ଏବଂ କହିବା ବାହୁଲ୍ୟଯେ ଉଭୟ ଭାଷା (ତେଲୁଗୁ ଓ ଓଡ଼ିଆ)ରେ ପାରଦର୍ଶିତା ଯୋଗୁ ସେ ସଫଳକାମ ମଧ୍ୟ ହୋଇଛନ୍ତି। ଉପନ୍ୟାସଟି ଓଡ଼ିଆ ପାଠିକାପାଠକଙ୍କ ନିକଟରେ ତେଲୁଗୁ ଭାଷା ତଥା ସାହିତ୍ୟର ସ୍ୱରୂପ ଉନ୍ମୋଚନ କରିବାରେ ସହାୟକ ହେବ– ଏଥିରେ ସନ୍ଦେହ ନାହିଁ।